ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଅକ୍ଟୋବର, ୨୦୨୩



**ସଂକ୍ଷେପରେ**

## ଦଶହରାରେ ଆଇନ ଶୃଙ୍ଖଳା ଉପରେ ବୈଠକ

ଜୟପୁର, ୧୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ଦଶହରା ସମୟରେ ଆଇନ ଶୃଙ୍ଖଳା ଉପରେ ପୌର ସଭାଗୃହରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉପ ଜିଲାପାଳ ପ୍ରଭାତ ପରିଡ଼ା, ଏସଡିପିଓ ହରିଶ ବିସି, ପୌରାଧ୍ୟକ୍ଷ ତଥା ଘରୋଇ ବସ୍ ମାଲିକ ସଂଘ ସଭାପତି ନରେନ୍ଦ୍ର ମହାନ୍ତି, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ସାଗରିକା ଷଡଙ୍ଗୀ, ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଏବଂ ବିଭିନ୍ନ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଡିଜେ ବନ୍ଦ, ୬୫ ଡେସିମିଲରୁ ଅଧିକ ସାଉଣ୍ଡ ନ କରିବା, ମେଢରେ ସିସି କ୍ୟାମେରା ଲଗାଇବା, ଦଶହରା ପରଦିନ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରିବା, ଶୋଭାଯାତ୍ରାରେ ଆଖାଡା ବନ୍ଦ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

## ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ନନ୍ଦପୁର, ୧୦।୧୦ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍‌କ୍ରସ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଛାତ୍ରୀଛାତ୍ର, ମହାବିଦ୍ୟାଳୟ କର୍ତ୍ତୃପକ୍ଷ ରକ୍ତଦାନ କରିଥିଲେ। ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଅଧ୍ୟକ୍ଷ ଅମର ମହାପାତ୍ର, ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ପରିଚାଳନା କମିଟି ସଦସ୍ୟ ବିଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଶିବିରରେ କୋରାପୁଟ ଜିଲା ରକ୍ତଭଣ୍ଡାର କର୍ମକର୍ତ୍ତା ବିବିଓ ମଧୁସୂଦନ ବଡ଼ନାୟକ, ଭି. ଗଙ୍ଗାଧର, ଅସିତ ଗଉଡ, ପୁଷ୍ପିତା ମହନ୍ତ, ରବୀନ୍ଦ୍ର ମିଶ୍ର, ଲିପ୍ସା ପ୍ରିୟଦର୍ଶିନୀ ଓ ଡିଏମ୍‌ଏଲ୍‌ଟି ଛାତ୍ରୀଛାତ୍ରମାନେ ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍.ଜୟା, ସୁରଭି ପାଣିଗ୍ରାହୀ, ଆକାଶ ସାହୁ, ପଦଲାମ ଗୋଲରି, ଉଷା ଗୁଣ୍ଟା ସହଯୋଗ କରିଥିଲେ।

## ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ

ଦାମନଯୋଡ଼ି/ସେମିଳିଗୁଡ଼ା, ୧୦।୧୦ (ରାଧାକାନ୍ତ ବ୍ରହ୍ମା/ବାସୁଦେବ ବରାଡ଼)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ଦାମନଯୋଡ଼ିରେ ପାଳିତ ହୋଇଯାଇଛି। ସମାଜ ପାଠକ ମଞ୍ଚ, ଦାମନଯୋଡ଼ି ମିଡିଆ ହାଉସ ଓ ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ଉତ୍ସବରେ ନାଲ୍‌କୋ ସମୂହ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ସାମଲ ମୁଖ୍ୟ ଅତିଥି, ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର ଓ ମହାପ୍ରବନ୍ଧକ ସରୋଜ ନାଥ ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶ, ତ୍ୟାଗ, ସେବା, ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ନରସିଂହ ବ୍ରହ୍ମାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ଅଶୋକ ମହାନ୍ତି ସଂଯୋଜନା କରିଥିଲେ। ସରୋଜିନୀ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ଗାନ ଓ ସୁଦର୍ଶନ ସେନାପତି ଧନ୍ୟବାଦ ଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର, ବର୍ଷାର ସମ୍ପାଦକ ଶ୍ରୀଧର ପରିଡ଼ା, ବିଜୟ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେମିଳିଗୁଡା ବ୍ଲକ୍ ରେଙ୍ଗା ପଞ୍ଚାୟତ ପରଜାମୁଠାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷକ ଜ୍ୟୋତିରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍କଳମଣିଙ୍କ ଜୀବନୀ, ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଛାତ୍ରୀଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ପିଲାମାନେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥ ନେଇଥିଲେ। ଶିକ୍ଷକ ସୁନୀଲ ପେଡାକାପୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ର ରୋମିଓ ହନ୍ତାଳ ଧନ୍ୟବାଦ ଦେଇଥିଲେ।

# ୨୬ରୁ ଭୈରବ ମନ୍ଦିରରୁ ପରବ ଶୁଭାରମ୍ଭ

- ନଭେମ୍ବର ୨୫ରୁ ୨୭ କୋରାପୁଟରେ ମୁଖ୍ୟ ଉତ୍ସବ
- ପରବ ସ୍ଥାୟୀ ପଡ଼ିଆ ନେଇ ବୈଠକରେ ହୋହାଲ୍ଲା
- ୨୫ ଏକର ଜାଗା ଦେଖାଯାଇଛି: ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

କୋରାପୁଟ, ୧୦।୧୦ (ଅମିତାଭ ବେହେରା)



ପରବ ବୈଠକରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

ଆଦିବାସୀ ସାଂସ୍କୃତିକ ମହୋତ୍ସବ ପରବ ଚଳିତ ମାସ ୨୬ ତାରିଖରେ କୋରାପୁଟ ଜିଲାର ବୋରିଗୁମ୍ମାର ଭୈରବ ମନ୍ଦିରରୁ ଶୁଭାରମ୍ଭ ହେବ। ନଭେମ୍ବର ୨୫,୨୬ ଓ ୨୭ ତାରିଖ ୩ ଦିନବ୍ୟାପୀ କୋରାପୁଟ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ପରବର ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହରେ ପରବ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳ ତଥା ପରବ କମିଟି ସଭାପତିଙ୍କ ଅନୁପସ୍ଥିତରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲ୍ଲାୱାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏସ୍‌ପି ଅଭିନବ ସୋନକାର, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ସୋମନାଥ ପ୍ରଧାନ, ଉପଜିଲାପାଳ ବେଣୁଧର ଶବର, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ପୌର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ଲୋକ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ।

ବୈଠକ ଆରମ୍ଭରେ ଜୟପୁର ବିଧାୟକ ବାହିନୀପତିଙ୍କ ସମେତ ବୁଦ୍ଧିଜୀବୀ ଓ ଖବରଦାତାମାନେ ପରବକୁ ଇତିମଧ୍ୟରେ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ଏହାର ସ୍ଥାୟୀ ପଡ଼ିଆ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରି ହଟ୍ଟଗୋଳ କରିଥିଲେ। ପରବର ସ୍ଥାୟୀ ପଡ଼ିଆ ଖୁବ୍ ଶୀଘ୍ର କରିବାକୁ ସେମାନେ ଦାବି କରିଥିଲେ। ଏହାର ଉତ୍ତରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଇସଲ୍ଲାୱାର କହିଲେ, ବର୍ତ୍ତମାନ କୋରାପୁଟ ସହର ନିକଟରେ ଥିବା ପଣ୍ଡି ଗ୍ରାମ ରାସ୍ତାରେ ପରବ ନିମନ୍ତେ ୨୫ ଏକର ଜାଗା ଦେଖାଯାଇଛି। ଏନେଇ ରାଜ୍ୟ ସଂସ୍କୃତି ବିଭାଗ, ବନ ବିଭାଗ ମଞ୍ଜୁରିକୁ ଅପେକ୍ଷା କରାଯାଇଛି। ଏହା ଜାଣିବା ପରେ ବୈଠକ ସ୍ୱାଭାବିକ ହୋଇଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଡିସେମ୍ବର ପରିବର୍ତ୍ତେ ନଭେମ୍ବର ୨୫,୨୬ ଓ ୨୭ରେ ରାଜ୍ୟସ୍ତରୀୟ ପରବ କରାଯିବାକୁ ସ୍ଥିର ହୋଇଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଏସ୍‌ପି ପ୍ରକାଶ କରିଥିଲେ। ଚଳିତ ବର୍ଷ ସ୍ଥାନୀୟ ଆଦିବାସୀ କଳାକାରଙ୍କ ନୃତ୍ୟକୁ ପ୍ରାଧାନ୍ୟ ଦେଇ ସେମାନଙ୍କ ଭାଷାରେ ପରବ ମୁଖ୍ୟ ମଣ୍ଡପ ସଂଯୋଜନା କରାଯିବ। ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ପରବର ମୁଖ୍ୟ ମହୋତ୍ସବ ବେଳେ ୨୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଅବ୍ୟବସ୍ଥା ହୋଇ ପ୍ରାୟ ୫ ଘଣ୍ଟା ଧରି ଲୋକେ ରାସ୍ତାରେ ଅଟକି ରହିଥିଲେ। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପୋଲିସ ପକ୍ଷରୁ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ସୋନକାର ସୂଚନା ଦେଇଥିଲେ।

## ଦ୍ୱିତୀୟ ଦିବସରେ ୨୪ ଇଭେଣ୍ଟରେ ଭାଗ ନେଲେ ୪୧୯ ପ୍ରତିଯୋଗୀ

କୋରାପୁଟ, ୧୦।୧୦ (ଅମିତାଭ ବେହେରା)

**କ୍ରୀଡା ଯୁବ ଉତ୍ସବ-୨୦୨୩**

କୋରାପୁଟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ମିନି ଷ୍ଟାଡିୟମଠାରେ ଚାଲିଥିବା ୪୭ତମ ବାର୍ଷିକ କ୍ରୀଡା ଯୁବଉତ୍ସବ-୨୦୨୩ର ଦ୍ୱିତୀୟ ଦିବସରେ ୨୪ଟି ଇଭେଣ୍ଟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୪୧୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ଦୀପକ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମୁଖ୍ୟଅତିଥିଭାବେ ପ୍ରଥମ ଆଇଆର୍‌ବିର ପୂର୍ବତନ କମାଣ୍ଡାଣ୍ଟ ପ. ମନ୍ମଥ ରଓ ଯୋଗଦେଇ କ୍ରୀଡା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମାନସିକ ଓ ଶାରୀରିକ ବିକାଶ ଲାଗି କ୍ରୀଡାର ଆବଶ୍ୟକତା ନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଆଡ଼ଭୋକେଟ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡା ସହ ବ୍ୟାୟାମର ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ପଟ୍ଟନାୟକ ଆଗାମୀ ଦିନରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଉଚ୍ଚକୋଟୀର ପ୍ରଦର୍ଶନ କରିବେ ବୋଲି ଆଶାବ୍ୟକ୍ତ କରି ସେମାନଙ୍କ ଶୁଭକାମନା କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ପରିଷଦ ସଦସ୍ୟ ଡ. ପ୍ରକାଶ ପ୍ରଧାନ, ମନୋରଞ୍ଜନ ନାୟକ, ଅର୍ଜୁନ ଚରଣ ବେହେରା, କ୍ରୀଡା ଶିକ୍ଷକ ଅରୁଣ ମୁଦୁଲି ଆୟୋଜନ କରିଥିଲେ। ଏହାକୁ ଅଧ୍ୟାପକ ରାଜେନ୍ଦ୍ର ବରିହା, ଡ.ଅଜୟ ବେହେରା, ଡ.ପ୍ରଫୁଲ୍ଲ ଲାକ୍ରା, ଅଧ୍ୟାପିକା ସୁଜାତା ଷଡ଼ଙ୍ଗୀ, ଅଧ୍ୟାପିକା ଅସୋମ୍ମିତା ପୋଦାର ପରିଚାଳନା କରିଥିଲେ।

## ନନ୍ଦିଗାଁରେ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କଲେ ଆଇଏଏସ୍ ଅଧିକାରୀ

ଦଶମନ୍ତପୁର, ୧୦।୧୦ (ଅରବିନ୍ଦ ନାୟକ)


ଆଇଏଏସ୍ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ଜଣେ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ମଙ୍ଗଳବାର ନୂତନ ଆଇଏଏସ୍ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ପରିଦର୍ଶନ କରିଛନ୍ତି। ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ସମୀକ୍ଷା ପାଇଁ ଏଠାକୁ ପ୍ରଧାନ ତାଲିମ ପାଇଁ ଆସିଛନ୍ତି। ଏହି ଅବସରରେ ସେ ନନ୍ଦିଗାଁ ପଞ୍ଚାୟତର ବାଣ୍ଟୁଆଗୁଡ଼ା, ଦାଢ଼ିଆଗୁଡ଼ା, ଭେଜିପୁଟ, ଡମଯୋଡ଼ି, ଡଡକାଗୁଡ଼ା, ମାଳି ବିଶାଳି ପଞ୍ଚାୟତରେ ଚାଲିଥିବା ୧୬ଟି ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟ ଅନୁଧ୍ୟାନ କରିଥିବା ଜଣାପଡିଛି। ସେ ଗ୍ରାମାଞ୍ଚଳକୁ ଯାଇ ଆବାସ ନିର୍ମାଣ କରୁଥିବା ହିତାଧିକାରୀଙ୍କ ନିକଟରେ ପହଞ୍ଚି ଖୁବ ଶୀଘ୍ର ଗୃହ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସହ ସେ କେତେକ ବିଦ୍ୟାଳୟରେ ପହଞ୍ଚି ଶ୍ରେଣୀଗୃହ, ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସମସ୍ୟାଗୁଡ଼ିକ ସମାଧାନ ନେଇ ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପ୍ରଧାନ କହିଛନ୍ତି। ତାଙ୍କର ନନ୍ଦିଗାଁ ଗସ୍ତ ସମୟରେ ସହକାରୀ ଯନ୍ତ୍ରୀ ଅଭିଷେକ ଷଡଙ୍ଗୀ, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସାଇବର ଠକେଇର ସ୍ୱୀକାର କଲେ ବିଧାୟକ ବାହିନୀପତି

କୋରାପୁଟ, ୧୦।୧୦ (ଅମିତାଭ ବେହେରା)

କୋରାପୁଟ ଜିଲା ଜୟପୁରରେ ଆୟୋଜିତ ଏକ ସାଇବର ସଚେତନତା କାର୍ଯ୍ୟକ୍ରମରେ ରବିବାର ଯୋଗଦେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ୪ଲକ୍ଷ ଟଙ୍କା ସାଇବର ଠକେଇର ଶିକାର ହୋଇଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ନିଜ ଭାଇଙ୍କ ପାଇଁ ସିମେଣ୍ଟ ଡିଲରଶିପ୍ ଆଣିବା ଲାଗି ସେ ଗୁଗଲରେ ଏକ ବିଜ୍ଞାପନ ଦେଖି ସେଥିରେ ଥିବା ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ଯୋଗାଯୋଗ ନମ୍ବର ଦେଇଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ଏଥିପାଇଁ ୪ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ବାହିନୀପତି ସମ୍ମତି ଦେବାରୁ ସେ ତାଙ୍କ ଫୋନ୍‌କୁ ଏକ ଓଟିପି ପଠାଇଥିଲେ। ଓଟିପି ନମ୍ବର ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା କାଟି ନେଇଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଏନେଇ କୌଣସି ଯୋଗାଯୋଗ ହୋଇପାରି ନ ଥିଲା। ଏ ସମ୍ପର୍କରେ ସେ କୋରାପୁଟ ଏସ୍‌ପିଙ୍କୁ ଜଣାଇବା ପରେ ତାଙ୍କ ପରାମର୍ଶରେ ସାଇବର ଥାନାରେ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ଜୁନ୍‌ରେ ଏହି ଘଟଣା ଘଟିଥିଲା। ସେ ସମୟରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ବିହାରର ନୋଇଡା ଜିଲା, ୱାର୍ସଲଗଞ୍ଜ ଥାନା ଚକପାଇ ଗ୍ରାମର ବୋଲି ଜଣାପଡ଼ିଥିଲା। ପରେ ଏନେଇ ଗଠିତ ୪ଜଣିଆ ଟିମ୍ ବିହାର ଗସ୍ତକରି ଅଭିଯୁକ୍ତ ଭୋଲା ପ୍ରସାଦ (୪୬), ଗୌରବ କୁମାର (୨୩) ଏବଂ ବିକାଶ କୁମାର (୨୩)ଙ୍କୁ ଗିରଫକରି କୋରାପୁଟ ଆଣିଥିଲା। ସେତେବେଳେ ସେମାନଙ୍କଠାରୁ ନଗଦ ୧ଲକ୍ଷ ୫୦ ହଜାର ଟଙ୍କା, ଗୋଟିଏ ଲାପ୍‌ଟପ୍ ଓ ୧୪ଟି ମୋବାଇଲ ଫୋନ ଜବତ ହୋଇଥିଲା।

## ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ



କୋରାପୁଟରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ, ୧୦।୧୦ (ଅମିତାଭ ବେହେରା)

କୋରାପୁଟ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନ୍ତର୍ଜାତୀୟ ବାଳିକା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତି ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଅକ୍ଟୋବର ୧୧ରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏବିଇଓ ଶିବ ପ୍ରସାଦ ରଥ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ମଧୁ ସୁଚେନ୍ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ ଡାକୁଆ, ସତ୍ୟାଞ୍ଜଳ ଆଚାର୍ଯ୍ୟ ଓ ରଞ୍ଜିତ ସହଯୋଗ କରିଥିଲେ।

ସେହିପରି ଜୟପୁରରେ ମଧ୍ୟ ଆନ୍ତର୍ଜାତୀୟ ବାଳିକା ଦିବସ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ରଚନା, ପ୍ରବନ୍ଧ, ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ପ୍ରଧାନ ଶିକ୍ଷକ ଶ୍ୟାମ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଶତପଥୀଙ୍କ ସହ ସିଆରସିମାନେ ଉପସ୍ଥିତ ଥିଲେ। ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ରଥ, ଜ୍ୟୋତିରାଣୀ ପଣ୍ଡା, ଦୀପକ ଦାସ, ବିକାଶ ଦଳପତି, ପ୍ରଭାକର ମହାରଣା ବିଚାରକ ରୂପରେ ଉପସ୍ଥିତ ଥିଲେ। ରଂଜିତ ମହାନ୍ତି , ମନୋଜ ପଟ୍ଟନାୟକ ସହାୟତା କରିଥିଲେ। ୯୦ ଜଣ ଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ପଟ୍ଟନାୟକ ପୁରସ୍କାର ବିତରଣରେ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ।

## ୭ ବର୍ଷ ହେବ ଶଯ୍ୟାଶାୟୀ ଅବସ୍ଥାରେ କୁନି

ଦଶମନ୍ତପୁର, ୧୦।୧୦ (ଅରବିନ୍ଦ ନାୟକ)

**ଅର୍ଥ ସାଜିଛି ବାଧକ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତର ଆଉଟଦୋରା ଗ୍ରାମର ଭାଗୀରଥି କମାରଙ୍କ ଝିଅ କୁନି ୭ବର୍ଷ ହେଲା ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ରୋଗ ଠିକ୍ ରୂପେ ଚିହ୍ନଟ ହୋଇପାରୁ ନ ଥିବା ବେଳେ ପରିବାର ଲୋକେ ଦଶମନ୍ତପୁର, କୋରାପୁଟ ଡାକ୍ତରଖାନାରେ କୁନିଙ୍କ ଚିକିତ୍ସା କରି କିଛି ସୁଫଳ ପାଇନାହାନ୍ତି। ତାଙ୍କ ଚିକିତ୍ସାରେ ଜମିବାଡ଼ି ସବୁ ବିକ୍ରି କରି ସାରିଛି। ଏବେ ଉଚ୍ଚତର ଚିକିତ୍ସା ଲାଗି ବାହାର ରାଜ୍ୟର ଡାକ୍ତରଖାନାକୁ ନେବାକୁ ପାଖରେ ଅର୍ଥ ନାହିଁ। ଫଳରେ ୭ବର୍ଷ ହେଲା ଘରେ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି ସେ। ୭ ବର୍ଷ ତଳେ କୁନିଙ୍କୁ ଜ୍ୱର ହୋଇଥିଲା। ଧୀରେଧୀରେ ଖାଦ୍ୟ ଖାଇବା କମାଇ ଦେଇଥିଲେ। ଏହା ଜାରି ରହିବାରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଓ କୋରାପୁଟ ମେଡିକାଲ କଲେଜ ନେଇ ଚିକିତ୍ସା କରିଥିଲେ ମଧ୍ୟ କୁନିଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ଝିଅ ଭଲ ହୋଇଯିବାର ଆଶା ନେଇ ପରିବାର ଲୋକେ ତାଙ୍କୁ କାଶୀପୁର ବ୍ଲକ ଅନ୍ତର୍ଗତ ଉଷାପଡ଼ା, ନୂଆପଡ଼ା ଚିକିତ୍ସା ପାଇଁ ନେଇଥିଲେ। ଏପରିକି ଦିଶାରୀ ଗୁଣିଆଙ୍କ ଦ୍ୱାରସ୍ଥ ହୋଇ ଦେଶୀ ଚେରମୂଳି ଔଷଧ ଦେଇ ଚିକିତ୍ସା କରିଥିଲେ। ମାତ୍ର ସବୁଥିରୁ ନିରାଶ ହେବାକୁ ପଡିଥିଲା। ଏବେ ଯାଏ ସେ କେବଳ ମାଣ୍ଡିଆ ଜାଉ ପିଇ ବଞ୍ଚି ରହିଥିବା କହନ୍ତି ଜେଜେମା ଜେମା। ଅର୍ଥାଭାବ ଯୋଗୁ ଝିଅର ଉଚ୍ଚତର ଚିକିତ୍ସା କରିପାରୁନାହାନ୍ତି ବୋଲି କହିଛନ୍ତି କୁନିଙ୍କ ମାଆ ଦୋନା। ଏ ସମ୍ପର୍କରେ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରିବାରୁ ଏହା ଆମ ନଜରକୁ ଆସି ନ ଥିଲା। ବର୍ତ୍ତମାନ କୁନିଙ୍କ ପାଖରେ ପହଞ୍ଚି ତାଙ୍କ ଉଚ୍ଚତର ଚିକିତ୍ସା ବ୍ୟବସ୍ଥା କରିବୁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାର୍ମାସିଷ୍ଟ ସଞ୍ଜୀବ ତ୍ରିପାଠୀ କହିଛନ୍ତି।


ଶଯ୍ୟାଶାୟୀ କୁନି।

## ଚାନ୍ଦା ଆଦାୟ କରୁଛନ୍ତି ବାହାର ଅଞ୍ଚଳର ଖବରଦାତା

ନନ୍ଦପୁର, ୧୦।୧୦ (ଶଙ୍କର ପୂଜାରୀ)

**ଥାନାରେ ଅଭିଯୋଗ କରିବାକୁ ଏସ୍‌ଡିପିଓଙ୍କ ପରାମର୍ଶ**

ନନ୍ଦପୁର ବ୍ଲକ ଅଞ୍ଚଳରେ ଦଶହରା ଚାନ୍ଦା ଆଦାୟ ଏବେ ସରକାରୀ ବେସରକାରୀ କର୍ମଚାରୀଙ୍କୁ ଅତିଷ୍ଠ କରୁଛି। କେତେଜଣ ଅଣ ଖବରଦାତା ବ୍ଲକ ବାହାର ଅଞ୍ଚଳରୁ ଆସି ନିଜକୁ ଖବରଦାତାର ପରିଚୟ ଦେଇ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟରୁ ବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଘୂରି ବୁଲୁଛନ୍ତି। ଦଶହରା ଚାନ୍ଦା ଦିଅ ନଚେତ୍ ତମ ବିରୋଧରେ ଖବର ଛାପିବୁ ବୋଲି ଧମକ ଦେଉଛନ୍ତି। ଏଭଳି ଘଟଣା ନନ୍ଦପୁର ବ୍ଲକ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନେ ବାହାର ଅଞ୍ଚଳର ଖବରଦାତାମାନଙ୍କୁ ବିରୋଧ କରିଛନ୍ତି। ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଏହା ଜାଣିବା ପରେ ସମସ୍ତ ସରକାରୀ ଓ ବେସରକାରୀ କର୍ମକର୍ତ୍ତାଙ୍କୁ ଏନେଇ ନିକଟସ୍ଥ ଥାନାରେ ଅବଗତ କରିବାକୁ ପରାମର୍ଶ ଦେଇଛନ୍ତି। ଉପଖଣ୍ଡ ପୋଲିସ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଅବଗତ କରାଯାଇ ତାଙ୍କଠାରୁ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ତାଲିକା ମଗାଯିବ। ଚାନ୍ଦା ଆଦାୟ କରୁଥିବା ବାହାର ଅଞ୍ଚଳର ଖବରଦାତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

## ଅନକାଡେଲି ଉପ ଡାକଘରେ ୨୮ ଦିନ ଧରି ସେବା ଠପ୍

କୋରାପୁଟ, ୧୦।୧୦ (ଅମିତାଭ ବେହେରା)

କୋରାପୁଟ ଜିଲାର ଅନକାଡେଲିଠାରେ ଥିବା ଉପ ଡାକଘରରେ ବ୍ରଡ୍‌ବ୍ୟାଣ୍ଡ ସେବା ଅଚଳ ହୋଇପଡ଼ିଥିବାରୁ ଦୀର୍ଘ ୨୮ ଦିନ ଧରି ଏଠାରେ ଡାକସେବା ଠପ୍ ହୋଇପଡ଼ିଛି । ଫଳରେ ସେବା ପାଇବାକୁ ଦୂରଦୂରାନ୍ତରୁ ଡାକଘରକୁ ଆସୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଗ୍ରାମାଞ୍ଚଳରେ ଡାକସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ଗତ ମାସ ସେପ୍ଟେମ୍ବର ୧୩ରୁ ଅନକାଡେଲିର ଏହି ଉପଡାକଘର ଖୋଲାଥିବା ଏବଂ କର୍ମଚାରୀମାନେ ଥିବା ସତ୍ତ୍ୱେ ଇଣ୍ଟରନେଟ ସେବା ନ ଥିବାରୁ କାର୍ଯ୍ୟ ଏକପ୍ରକାର ବନ୍ଦ ରହୁଛି। ଫଳରେ ଲୋକମାନେ ନୂତନ ପାସ୍‌ବୁକ୍ ଖୋଲିବାଠାରୁ ଆରମ୍ଭକରି ପାର୍ସଲ ପଠାଇବା ପର୍ଯ୍ୟନ୍ତ କିଛି କାର୍ଯ୍ୟ ହୋଇପାରୁନାହିଁ। ପୋଷ୍ଟାଲ ଲାଇଫ ଇନ୍‌ସ୍ୟୁରାନ୍ସର କିସ୍ତି ବାନ୍ଧିବା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଭାବିତ ହୋଇଛି। ଏହି ଉପଡାକଘର ଉପରେ ଅନକାଡେଲି ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରୁଛନ୍ତି। ଅନକାଡେଲି ଉପଡାକଘର ସମସ୍ୟା ନେଇ ପୋଷ୍ଟମାଷ୍ଟର ପି ଆଦି ନାରାୟଣଙ୍କୁ ପଚାରିବାରୁ ସେ କହିଲେ, ଏହି ଡାକଘରକୁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ସଂଯୋଗ ହୋଇଥିବା ବ୍ରଡ୍‌ବ୍ୟାଣ୍ଡ ସେବା ଅଚଳ ହୋଇପଡିଥିବାରୁ ଲୋକଙ୍କୁ କିଛି ସେବା ଯୋଗାଇ ହେଉନାହିଁ। ସରକାର ଓ ଡାକ ବିଭାଗର ଏହି ଅଞ୍ଚଳ ପ୍ରତି ଏପରି ବୈମାତୃକ ମନୋଭାବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଗୁନେଇପଡ଼ା ପଞ୍ଚାୟତର ମାଟାମପୁଟ ଉପ ଡାକଘରେ ପ୍ରାୟ ବର୍ଷକ ତଳେ ପୋଷ୍ଟମାଷ୍ଟର ଅବସର ଗ୍ରହଣ କରିବା ପରେ ଆଉ କାହାରିକୁ ସରକାର ଏଯାଏ ନିଯୁକ୍ତି ଦେଇନାହାନ୍ତି। ଫଳରେ ଏହି ପୋଷ୍ଟ ଅଫିସଟି ଏବେ ବନ୍ଦ ରହିଛି।

## ବାଲଡ଼ା ଖଣି ଖନନ ପାଇଁ ବଦଳ ଜମି ଅଧିଗ୍ରହଣକୁ ବିରୋଧ

- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଖିନବରବାସୀ
- ସମର୍ଥନ ଜଣାଇ ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ
- ଅଧିଗ୍ରହଣ ପାଇଁ ଚିହ୍ନଟ ହୋଇଛି ୪୩୦ ଏକର ରାଜସ୍ୱ ଜମି

ନନ୍ଦପୁର, ୧୦।୧୦ (ଶଙ୍କର ପୂଜାରୀ)


ଜିଲା ପ୍ରଶାସନକୁ ଭେଟିବାକୁ ଆସିଥିବା ପଞ୍ଚାୟତବାସୀ।

ନନ୍ଦପୁର ବ୍ଲକର ବାଲଡ଼ା ପାହାଡ଼ର ବକ୍ସାଇଟ ଖଣି ଖନନ ବେଳେ ନଷ୍ଟହେବ ଜଙ୍ଗଲ। ଏହାର ଭରଣା ପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଜିଲା ପ୍ରଶାସନ ଓ ଖଣି ଅଧିକାରୀ ଉଦ୍ୟମ କରୁଛନ୍ତି। ଏଥିପାଇଁ ସମ ପରିମାଣ ଜମି ବ୍ଲକ ସୀମାନ୍ତ ଖିନବର ଓ ହାତୀବାରି ପଞ୍ଚାୟତର ୪୩୦ ଏକର ରାଜସ୍ୱ ଜମି ଅଧିଗ୍ରହଣ ଲାଗି ଚିହ୍ନଟ ହୋଇଛି। ଏହାକୁ ୨ ପଞ୍ଚାୟତବାସୀ ବିରୋଧ କରୁଛନ୍ତି। ମଙ୍ଗଳବାର ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ରାମ କାଡାମ ଓ ବ୍ଲକ କଂଗ୍ରେସ ସଭାପତି କାମେସ କାମୁଡିଙ୍କ ନେତୃତ୍ୱରେ ଖିନବର ସରପଞ୍ଚ ଭୀମ ଖିଲ, ସମିତିସଭ୍ୟ ଘାସି ପାଙ୍ଗୀ, ନାଏବ ସରପଞ୍ଚ ବାସନ୍ତୀ ଖିଲ ଓ ସମସ୍ତ ୱାର୍ଡ ସଭ୍ୟ ପଞ୍ଚାୟତର ବୁଦ୍ଧିଜୀବୀ ଏକାଠି ହୋଇ କୋରାପୁଟ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ଆସିଥିଲେ। ମାତ୍ର ଜିଲାପାଳ ଅନୁପସ୍ଥିତ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟର ସାଧାରଣ ପ୍ରଶାସନ ବିଭାଗରେ ଏହା ପ୍ରଦାନ କରିଛନ୍ତି। ଦାବିପତ୍ରରେ ଚିହ୍ନଟ ଉକ୍ତ ରାଜସ୍ୱ ଜମିରେ ପଞ୍ଚାୟତବାସୀ ଧାନ ଓ ମାଣ୍ଡିଆ ଚାଷ କରୁଛନ୍ତି। ଗୃହପାଳିତ ପ୍ରାଣୀଙ୍କ ମଧ୍ୟ ଉକ୍ତ ଅଞ୍ଚଳ ଚରାଭୂଇଁ ପାଲଟିଛି। ଝରଣା ଜଳକୁ ଲୋକେ ପାନୀୟ ଜଳ ରୂପରେ ବ୍ୟବହାର କରୁଛନ୍ତି। ଉକ୍ତ ଜମିକୁ ଖଣି କର୍ତ୍ତୃପକ୍ଷଙ୍କୁ ଦେଇ ଜଙ୍ଗଲ ସୃଷ୍ଟି କଲେ ପଞ୍ଚାୟତବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତବାସୀଙ୍କ ଦାବିକୁ କଂଗ୍ରେସ ସମର୍ଥନ କରିଛି। ଜିଲା ପ୍ରଶାସନ ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ପଞ୍ଚାୟତବାସୀଙ୍କୁ ଧରି ବ୍ଲକ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ବିଧାୟକ କାଡାମ ଓ ବ୍ଲକ କଂଗ୍ରେସ ସଭାପତି କାମୁଡି ଚେତାବନୀ ଦେଇଛନ୍ତି।

**ସୁରଭିରେ ଗୁଣୁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା**

ଗୁଣୁପୁର,( ପ୍ରଦୀପ କୁମାର ପାଢ଼ୀ) - ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରୀଛାତ୍ରଙ୍କୁ ନେଇ ବର୍ତ୍ତମାନ ସୁରଭି କାର୍ଯ୍ୟକ୍ରମ ଚାଲୁ ରହିଛି। କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଗୁଣୁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି । କୁଇଜ, ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସଂକ୍ଷେପରେ

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ




ରାୟଗଡ଼ା,୧୦।୧୦ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଡ. ପ୍ରଦୀପ୍ତ କୁମାର ସୁବୁଦ୍ଧି, ଡ. ମମତା ଚୌଧୁରୀ, ଜ୍ଞାନରଞ୍ଜନ ମହାନ୍ତି, ବେଣୁଧର ନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଲତା ସରାଫ ସ୍ୱାଗତକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅତିଥିମାନେ ମାନସିକ ରୋଗର କାରଣ, ଲକ୍ଷଣ ବିଷୟରେ ପିଲାମାନଙ୍କୁ ଅବଗତ କରାଇବା ସହ ମାନସିକ ରୋଗରୁ ନିଜକୁ ସୁରକ୍ଷିତ ରଖିବା ନେଇ ଉପଦେଶ ଦେଇଥିଲେ । ମାନସିକ ରୋଗରୁ ମୁକ୍ତି ପାଇବା ପାଇଁ ମୋବାଇଲରୁ ଦୂରେଇ ରହିବା, ସମସ୍ତଙ୍କ ସହ ମିଳିମିଶି ଚାଲିବା, ସମସ୍ୟାର ସମାଧାନ କରିବା ଏବଂ ଚିନ୍ତାଗ୍ରସ୍ତ ନ ହେବା ପାଇଁ ପରାମର୍ଶ ଦେଇଥିଲେ ।

### ୟୁଜିଏମଆଇଟିକୁ ଗ୍ରାଜୁଏଟ ଇଞ୍ଜିନିୟରିଂ କଲେଜ ଦାବି

ରାୟଗଡ଼ା,୧୦।୧୦ (ଆଶିଷ ରଞ୍ଜନ ପଣ୍ଡା)

୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଗତ ଜୁନ୍ ମାସରେ ରାୟଗଡ଼ା ଗସ୍ତ ସମୟରେ ସ୍ଥାନୀୟ ୟୁଜିଏମଆଇଟି ଡିପ୍ଲୋମା କଲେଜକୁ ଗ୍ରାଜୁଏଟ ଇଞ୍ଜିନିୟରିଂ କଲେଜ ଭାବେ ଅନୁମୋଦନ କରି ଗ୍ରାଜୁଏଟ ଇଞ୍ଜିନିୟରିଂ ପାଠ୍ୟକ୍ରମ ଆରମ୍ଭ ପାଇଁ ଦାବି କରିଥିଲେ। ସେହି ସମୟରେ ୱାଇ.ଭେଙ୍କେଟେଶ୍ୱର ଓ କିଛି ବ୍ୟକ୍ତି ଏକ ଦାବିପତ୍ର ଜିଲାପାଳ ସିଂଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ । ଏ ନେଇ ଜିଲାପାଳ ସ୍ୱାଧାଦେବ ସିଂ ସେପ୍ଟେମ୍ବରରେ ଉଚ୍ଚଶିକ୍ଷା ବିଭାଗକୁ ଜଣାଇଥିଲେ। ଏହି ଚିଠିକୁ ଭିତ୍ତି କରି ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ କର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଏହା ଉପରେ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜ କାର୍ଯ୍ୟାଳୟ ଚିଠି ଦ୍ୱାରା ଅବଗତ କରାଇଛନ୍ତି । ରାୟଗଡ଼ାସ୍ଥିତ ୟୁଜିଏମଆଇଟି ଡିପ୍ଲୋମା କଲେଜ ଗ୍ରାଜୁଏଟ ଇଞ୍ଜିନିୟରିଂ କଲେଜ ଭାବେ ପରିବର୍ତ୍ତିତ ହେଲେ ଅଞ୍ଚଳର ବହୁ ଯୁବ ପ୍ରତିଭା ଶିକ୍ଷା ଲାଭ କରି ଉପକୃତ ହୋଇପାରିବେ ।

### ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ

ଗୁଡ଼ାରି,୧୦।୧୦ (ପ୍ରମୋଦ କୁମାର ପତି)

ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ ପାଳିତ ହୋଇଛି। ବିଇଓ ରତ୍ନମୟୀ ପୁରୋହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏବିଇଓ ସାଂଗୁଡା ରୂପା ମାଝି ଓ ନବକୃଷ୍ଣ ଗାମାଙ୍ଗ, ସିଆର୍‌ସିସି ନୀଳାଞ୍ଚଳ ମିଶ୍ର ଯୋଗ ଦେଇ ନାରୀ ସୁରକ୍ଷା, ବାଲ୍ୟବିବାହ ଆଇନ ଓ ଚଳିତ ସମାଜରେ ଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଉପସ୍ଥିତ ବାଳିକାଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଂଗୀତ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଚାଲିଛି ସାର୍ଟିଫିକେଟ ଯାଞ୍ଚ, ସ୍କାନରରେ ୫୭୬ ଶିକ୍ଷକ

■ ରାୟଗଡ଼ା ଜିଲାରେ ନକଲି ଶିକ୍ଷକ ପ୍ରସଙ୍ଗ

■ ଜାଲ୍ ସାର୍ଟିଫିକେଟ ମାମଲାରେ ପୂର୍ବରୁ ୧୨ ବହିଷ୍କୃତ

ରାୟଗଡ଼ା,୧୦।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା । ଏଥିସହ ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବା ଘଟଣା ଜିଲାରେ ହଇଚଇ ସୃଷ୍ଟି କରିଛି । ରାୟଗଡ଼ା ଜିଲା ଶିକ୍ଷା ବିଭାଗ ନକଲି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ଅଗଷ୍ଟରେ ଜାଲ୍ ସାର୍ଟିଫିକେଟ ଘଟଣାରେ ୧୨ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରିରୁ ବହିଷ୍କୃତ ହେବା ପରେ ଏବେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଚାଲିଛି। ମିଳିଥିବା ତଥ୍ୟ ଅନୁସାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨୦୧୧ରୁ ୨୦୧୮ ମଧ୍ୟରେ ନିଯୁକ୍ତି ପାଇଥିବା ୧୧୯୪ ଜଣ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ସେଥିମଧ୍ୟରୁ ୬୧୮ ଜଣଙ୍କ ସାର୍ଟିଫିକେଟ୍ ଯାଞ୍ଚ ସରି ସେମାନଙ୍କ ଚାକିରି ନିୟମିତ ହୋଇଥିବା ଜଣାପଡ଼ିଛି । ତେବେ ବଳକା ୫୭୬ଜଣ ସ୍କାନରରେ ରହିଛନ୍ତି। ସେମାନଙ୍କ ସାର୍ଟିଫିକେଟର ସତ୍ୟତା ଯାଞ୍ଚ ପାଇଁ ସମ୍ପୃକ୍ତ ବିଶ୍ୱ ବିଦ୍ୟାଳୟଗୁଡ଼ିକୁ ପଠାଯାଇଛି । ସେଠାରୁ ରିପୋର୍ଟ ଆସିବା ପରେ ସେଥିମଧ୍ୟରୁ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଯୁବତୀ ଯୁବକଙ୍କୁ ଚାକିରିରୁ ବହିଷ୍କାର କରାଯିବ ବୋଲି ଜଣାପଡ଼ିଛି।

ପ୍ରକାଶ ଥାଉକି, ଶିକ୍ଷୟିତ୍ରୀ ଶିକ୍ଷକମାନେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ତଦନ୍ତରୁ ଜଣାପଡ଼ିବା ପରେ ଶିକ୍ଷା ବିଭାଗ ପକ୍ଷରୁ ୧୨ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ଜଣ ନକଲି ବିଏଡ୍ ସାର୍ଟିଫିକେଟ, ଜଣେ ନକଲି ସିଟି ସାର୍ଟିଫିକେଟ, ଜଣେ ଯୁକ୍ତ ୩ ଏବଂ ୨ ଜଣ ଯୁକ୍ତ ୨ ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିଲେ । ତେବେ କରୋନା ମହାମାରୀ ପୂର୍ବରୁ ଏହିଭଳି ବହୁ ଯୁବତୀଯୁବକ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଜାଲ୍ ସାର୍ଟିଫିକେଟ କିଣି ଆଣି ଶିକ୍ଷକ ନିଯୁକ୍ତି ପାଇଥିବା ଜଣାପଡ଼ିବା ପରେ ବିଭାଗ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ କରାଯାଇଛି। ଓଡ଼ିଶାରେ ବିଏଡ୍‌ର ସୁବିଧା ଥିବା ବେଳେ ବିନା ପାଠପଢ଼ାରେ ଚାକିରି ପାଇବା ପାଇଁ ବହୁ ଯୁବତୀଯୁବକ ରାଜ୍ୟ ବାହାରୁ ସାର୍ଟିଫିକେଟ ଆଣି ଚାକିରି ଆବେଦନ କରି ଶିକ୍ଷକତା କରୁଛନ୍ତି। ତେବେ ଏ ବିଷୟରେ ଶିକ୍ଷା ବିଭାଗ ଜାଣିବା ପରେ ସମସ୍ତ ଜିଲାରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠାଇଛି। ବିଶେଷକରି ଗୌହାଟି ବିଶ୍ୱବିଦ୍ୟାଳୟ, ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ,ଆନ୍ଧ୍ର ବିଶ୍ୱବିଦ୍ୟାଳୟ, କଶ୍ମୀର ବିଶ୍ୱବିଦ୍ୟାଳୟ, ଆମ୍ବେଦକର ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଭାରତ ବିଶ୍ୱ ବିଦ୍ୟାଳୟ, ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ, ଗୁଲବର୍ଗା ବିଶ୍ୱବିଦ୍ୟାଳୟରୁ ସାର୍ଟିଫିକେଟ ଦେଇ ରାୟଗଡ଼ାରେ ୧୧୯୪ ଯୁବତୀଯୁବକ ଶିକ୍ଷୟିତ୍ରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି । ଏ ବିଷୟରେ ଶିକ୍ଷା ବିଭାଗ ଜିଲା ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଯାଞ୍ଚ ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଚିଠି କରାଯାଇଛି । ସେଠାରୁ ରିପୋର୍ଟ ହସ୍ତଗତ ହେବା ପରେ ଜାଲ୍ ସାର୍ଟିଫିକେଟ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିହା କହିଛନ୍ତି ।

## ରେଳ ଷ୍ଟେଶନ ନିକଟରୁ ଗଞ୍ଜେଇ ଜବତ, ଜଣେ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ଓ ପୋଲିସ।

ବିଷମ କଟକ,୧୦।୧୦ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମ କଟକ ପୋଲିସ ଚାଟିକୋଣା ରେଳ ଷ୍ଟେଶନ ନିକଟରୁ ୧୪କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଜଣେ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମହାରାଷ୍ଟ୍ରର ବାସ୍କରି ଖାନ(୧୯)।

ବିଷମ କଟକ ଥାନା ଏଏସଆଇ. ପ୍ରିସ୍କା ଓଝାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ରାତିରେ ପାଟ୍ରୋଲିଂ ସାରି ଫେରୁଥିବାବେଳେ ଚାଟିକୋଣା ରେଳ ଷ୍ଟେଶନ ନିକଟରେ ଜଣେ ବ୍ୟକ୍ତି ୨ଟି ବ୍ୟାଗ ନେଇ ଯାଉଥିଲେ। ପୋଲିସକୁ ସମ୍ପୃକ୍ତ ଯୁବକଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ପିଛା କରିବାରୁ ସେ ବ୍ୟାଗ୍ ଛାଡି ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ତାଙ୍କୁ କାବୁ କରିଦେଇଥିଲା। ବ୍ୟାଗକୁ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ଉକ୍ତ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଫୁଲବାଣିରୁ ଗଞ୍ଜେଇ ଆଣି ମଧ୍ୟପ୍ରଦେଶ ଯିବା ପାଇଁ ବିଷମକଟକ ଷ୍ଟେଶନ ଆସୁଥିବା ସ୍ୱୀକାର କରିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ବିଷମକଟକ ଥାନାରେ ଏକ ଏନଡିପିଏସ ମାମଲା ରୁଜ କରାଯାଇଥିବା ଥାନା ଅଧିକାରୀ ଅମଲ ସରଦାର ସୂଚନା ଦେଇଛନ୍ତି ।

## କଂସାରିଗୁଡ଼ାରେ ଆଦିବାସୀଙ୍କ ବିଶାଳ ସମାବେଶ



ସମାବେଶରେ ଯୋଗଦେଇଥିବା ଖଣି ଅଞ୍ଚଳବାସୀ।

### ରିଫାଇନେରି କାରଖାନାକୁ ସମର୍ଥନ

ଟିକିରି,୧୦।୧୦(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ପୋଡାପାଡି ପଞ୍ଚାୟତ କଂସାରିଗୁଡା ଠାରେ ରିଫାଇନେରି କାରଖାନା ପ୍ରତିଷ୍ଠା ହେବା ନେଇ ଗତ କିଛି ଦିନ ତଳେ ରାଜ୍ୟ ସରକାର ଆଦିତ୍ୟ ବିର୍ଲା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଅଞ୍ଚଳରେ ରିଫାଇନାରି କାରଖାନା ଖୋଲିବାକୁ ଯାଉଥିବାରୁ ଅଞ୍ଚଳବାସୀ ଏହାକୁ ସ୍ୱାଗତ କରି ମଙ୍ଗଳବାର କଂସାରିଗୁଡା ଛକରେ ବିଶାଳ ସମାବେଶ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆଦିତ୍ୟ ବିର୍ଲା ଏମଡି ସୂର୍ଯ୍ୟକାନ୍ତ ମିଶ୍ର, ଉତ୍କଳ ଆଲୁମିନା କମ୍ପାନୀ ସିଇଓ ମଜହର ବେଗ, ମୈତ୍ରୀ ଏମଡି ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଖଣି ଅଞ୍ଚଳର ଜନସାଧାରଣ, କଂସାରିଗୁଡା ବିସ୍ଥାପିତ, କ୍ଷତିଗ୍ରସ୍ତ, ପ୍ରଭାବିତ ଅଞ୍ଚଳବାସୀ ଯୋଗଦେଇ ଏଠାରେ ରିଫାଇନେରି କମ୍ପାନୀ ହେବ ନା ସୂତାକଳ ସେ ନେଇ ଆଦିତ୍ୟ ବିର୍ଲା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ। ଆଦିତ୍ୟ ବିର୍ଲା ଏମଡି ସୂର୍ଯ୍ୟକାନ୍ତ ମିଶ୍ର ସେମାନଙ୍କ ପ୍ରଶ୍ନର ଉତ୍ତର ରଖି କହିଥିଲେ ଏଠାରେ ପ୍ରଥମେ ସୂତା କଳ ହେବ। ତାପରେ ରିଫାଇନେରି କାରଖାନା ପ୍ରତିଷ୍ଠା ହେବ। ଏଠାରେ ସୂତାକଳ ହେଲେ ଅଞ୍ଚଳର ୧୫୦୦ ମହିଳା ଉପକୃତ ହେବେ ବୋଲି ସେ କହିଥିଲେ। ଆମକୁ ରିଫେଇନେରି କମ୍ପାନୀ ଆଗ ଦରକାର୍ ବୋଲି ଅଞ୍ଚଳବାସୀ କହିଥିଲେ। ସଭାରେ କୋରାପୁଟିଆ, ଘୁମୁରା ବାଜା ସହ ଢେମସା ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ଫୁଲ ତୋଡା ଦିଆଯାଇ ସ୍ୱାଗତ କରିବା ସହ ମଞ୍ଚକୁ ପାଛୋଟି ଆଣିଥିଲେ। ଏହି ସଭାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମାଗମ ହୋଇଥିଲା।

## ବଳାତ୍କାର ମାମଲାର ଶୁଣାଣି ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍

ରାୟଗଡା,୧୦।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଆଡିସନାଲ ସେସନ୍ସ ଜଜ୍ ତଥା ସ୍ପେସିଆଲ କୋର୍ଟ ପୋକ୍ସୋର ବିଚାରପତି ସୋନାଲି ପଟ୍ଟନାୟକ ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଏହି ମାମଲାରେ ବିଚାରପତି ଅଭିଯୁକ୍ତ ଏମ. ମାଧବ (୩୩)ଙ୍କୁ ୫ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡାଦେଶ ଶୁଣାଇଛନ୍ତି। ୧୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ପଟ୍ଟନାୟକ ଏହି ରାୟ ଶୁଣାଇଛନ୍ତି।

ସୂଚନା ଯୋଗ୍ୟ, ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ କରିଥିବା ନେଇ ପରିବାର ପକ୍ଷରୁ ରାୟଗଡା ଜିଲା ପଦ୍ମପୁର ଥାନାରେ ୨୦୧୮ ମସିହାରେ ଅଭିଯୋଗ ହୋଇଥିଲା। ସେହି ମାମଲାକୁ ଆଧାର କରି ପୋଲିସ ବିଷମକଟକ ଥାନାରେ ୨୫/୨୦୧୮ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଅଭିଯୁକ୍ତ ଏମ. ମାଧବ (୩୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ବିରଜା ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ପି.ଏନ ଦାସ କେଶ ପରିଚାଳନା କରିଥିଲେ।

## ସରକାରୀ ଜମି ଉଚ୍ଛେଦକଲା ପ୍ରଶାସନ



ତହସିଲଦାରଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଗୁଡାରି,୧୦।୧୦ (ପ୍ରମୋଦ କୁମାର ପତି)

ପ୍ରଶାସନ ପକ୍ଷରୁ ଗୁଡାରି ସହରସ୍ଥିତ ମିଲୁ ଢେପ ସାହିର ୫ଟି ପରିବାର କିଛି ସରକାରୀ ଜମି ନିଜ ଅକ୍ତିଆର ରଖି ଗୁହାଳ କରିଥିଲେ । ଅଭିଯୋଗ ପରେ ମଙ୍ଗଳବାର ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ହୃଷୀକେଶ ପଣ୍ଡା ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାରଙ୍କ ଉପସ୍ଥିତିରେ ୨ଟି ପରିବାର ଏହି ସରକାରୀ ଜମି ଉଚ୍ଛେଦ କରିଥିବା ବେଳେ ଆଉ ୩ଟି ପରିବାର ସମୟ ମାଗିଛନ୍ତି। ତହସିଲଦାରଙ୍କ କହିବା ଅନୁଯାୟୀ, ସେମାନଙ୍କୁ କାର୍ଯ୍ୟାଳୟ ପକ୍ଷରୁ ନୋଟିସ କରାଯିବ। ଯଦି ସେମାନେ ୩ ଦିନ ମଧ୍ୟରେ ଏହି ସରକାରୀ ଜମି ଉଚ୍ଛେଦ ନ କରନ୍ତି ତେବେ ସରକାରୀ ନିୟମ ଅନୁଯାୟୀ ସରକାରୀ ଜମରେ ଥିବା ଘର ଭଙ୍ଗାଯାଇ ନିଜ ଅକ୍ତିଆରକୁ ଅଣାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ପତିତପାବନ ରଥ ଉପସ୍ଥିତ ଥିଲେ ।

## ମନ ମୋହିଲା ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ

ରାୟଗଡା,୧୦।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ମହିଳା ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗ ଛାତ୍ରୀଙ୍କ ତରଫରୁ ମଙ୍ଗଳବାର ମିଲେଟ ଷ୍ଟଲ ପ୍ରଦର୍ଶିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ତଥା ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ଦୁଷ୍ମନ୍ତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ମିଲେଟ ମିଶନର ଉଦ୍ଦେଶ୍ୟ ଓ ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ ମିଲେଟ ମିଶନର ଅର୍ଥନୈତିକ ପ୍ରାସଙ୍ଗିକତା ସମ୍ପର୍କରେ ବୁଝାଇଥିଲେ। ଷ୍ଟଲରେ ମାଣ୍ଡିଆରୁ ପ୍ରସ୍ତୁତ ସୁସ୍ୱାଦୁ ଖିରୀ, କେକ୍, ଉତ୍ତପମ, କାକରା, ରସଗୋଲା, ତମ୍ପା, ଚକୁଳି ପ୍ରଭୃତି ପ୍ରଦର୍ଶିତ କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ଉପରୋକ୍ତ କୌଣସି ସାମଗ୍ରୀ କ୍ରୟ କରିବାକୁ ଚାହାନ୍ତି, ତେବେ ଯୋଗାଯୋଗ କଲେ ଆମ ଛାତ୍ରୀମାନେ ଠିକ ସମୟରେ ଠିକଣା ସ୍ଥାନରେ ଖାଦ୍ୟ ପଠାଇବେ ବୋଲି କଲେଜ ଅଧ୍ୟାପିକାମାନେ କହିଛନ୍ତି। ବିଭାଗୀୟ ମୁଖ୍ୟ ନିହାରବାଲା ପିକା ଭାରତୀ ଚୌଧୁରୀ, ସରୋଜା ମିଶ୍ର, ଝିଲ୍ଲି ପ୍ରଧାନ, ଶ୍ରଦ୍ଧାଞ୍ଜଳି ପଣ୍ଡା, କ୍ୟାପ୍‌ଟେନ ରୀତାରାଣୀ ମିଶ୍ର ଉପସ୍ଥିତ ଥିଲେ । ଫାଷ୍ଟଫୁଡ୍‌ଠାରୁ ଦୂରରେ ରହି ମାଣ୍ଡିଆରେ ପ୍ରସ୍ତୁତି ଖାଦ୍ୟ ଖାଇଲେ ନୀରୋଗ ରହିବା ବୋଲି ଅତିଥିମାନେ ମତ ଦେଇଛନ୍ତି ।



ଅତିଥିମାନେ ମିଲେଟ ଷ୍ଟଲ ବୁଲି ଦେଖୁଛନ୍ତି।

## କାଡ଼ାସି ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ଗୁଣୁପୁର,୧୦।୧୦(ପ୍ରଦୀପ କୁମାର ପାଢ଼ୀ )

ଗୁଣୁପୁର ବ୍ଲକ କୁଲୁସିଂ ପଞ୍ଚାୟତ ଅନ୍ତର୍ଗତ କାଡାସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁରେଶ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅରୁଣ ସାହୁ, ଶିକ୍ଷକ ସଞ୍ଜୟ ଦାଶ, ସିଆରସି ସୁଲେମ ଶବର ଓ ଜୀବିତ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଭିତରେ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ପ୍ରକୃତ ମଞ୍ଚ ବୋଲି ସେମାନେ କହିଥିଲେ। ଅଧିକରୁ ଅଧିକ ପିଲା ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭାର ପରିଚୟ ଓ ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ମୋଟ ୬ଟି ବିଦ୍ୟାଳୟରୁ ୩୩ ପିଲା ଅଂଶ ଗ୍ରହଣ କରିଥିଲେ। ଚିତ୍ରାଙ୍କନ, କୁଇଜ, ହସ୍ତାକ୍ଷର, ଦଳଗତ ଆଲୋଚନା, ସଙ୍ଗୀତ, ବକ୍ତୃତା ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସପନ ଦାଶ ସଂଯୋଜନା କରିଥିବା ବେଳେ ବିଶ୍ୱନାଥ ଶବର, ଶି ଶ୍ରୀରାମ,ଜୋସେଫ ଶବର, ପ୍ରଫୁଲ୍ଲ ଗମାଙ୍ଗ,ଚାନ୍ଦିନୀ ପାଣିଗ୍ରାହୀ, ଏବଲୋନୀ ମଣ୍ଡଳ,ମଞ୍ଜରୀ ଗମାଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷକମାନେ ।

## ରାମମନ୍ଦିର ସଦୃଶ ତୋରଣ, ୭୦ ଫୁଟର ରାବଣପୋଡ଼ି ମୁଖ୍ୟ ଆକର୍ଷଣ

### ଜେକେପୁର ଦୁର୍ଗାପୂଜା

ରାୟଗଡ଼ା,୧୦।୧୦ (ଭାଗ୍ୟଶ୍ରୀ ମିଶ୍ର)

ଆସୁଛି ଦୁର୍ଗାପୂଜା। ମା' ଜଗତଜନନୀ ଧରାପୃଷ୍ଠକୁ ଅବତରଣ କରିବେ। ମା'ଙ୍କ ସ୍ୱାଗତ ପାଇଁ ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ରାୟଗଡ଼ା ସହରଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥିତ ଜେକେପୁର ଟାଉନଶିପ୍ ଜେକେ କାଗଜକଳ ପକ୍ଷରୁ ଧୁମଧାମରେ ଦୁର୍ଗାପୂଜା ପାଳନ ନେଇ ଚାଲିଛି ଜୋର୍‌ଦାର ପ୍ରସ୍ତୁତି । ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ଦୁର୍ଗାପୂଜା ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ରାମମନ୍ଦିର ସଦୃଶ ତୋରଣ ନିର୍ମାଣ ଚାଲିଛି। ରାୟଗଡ଼ାର କାରିଗରମାନେ ତୋରଣ ନିର୍ମାଣ କରୁଥିବାବେଳେ ମୂର୍ତ୍ତି କାରିଗର ମଧ୍ୟ ରାୟଗଡାର ବୋଲି ଜଣାପଡିଛି । ତେବେ ଚଳିତବର୍ଷ ରାବଣପୋଡି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ରାବଣପୋଡ଼ି ପାଇଁ ପ୍ରାୟ ୭୦ ଫୁଟ ଉଚ୍ଚତାର ରାବଣ ନିର୍ମାଣ ଚାଲିଛି । ରାୟଗଡ଼ା ଆଖପାଖରେ ରାବଣପୋଡି ହେଉ ନ ଥିବାରୁ ଏଠାରେ ରାବଣପୋଡି ଦେଖିବାକୁ ପ୍ରତିବର୍ଷ ବହୁ ଲୋକଙ୍କ ସମାଗମ ହୋଇଥାଏ। ଦୁର୍ଗାପୂଜା ୨୦ରୁ ଆରମ୍ଭ ହୋଇ ୨୭ରେ ବିସର୍ଜନ ହେବ ବୋଲି ଜଣାଯାଇଛି। ପୂଜାରେ ମିନାବଜାର ପଡ଼ିବା ସହ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ, ଦୋଳି କରାଯିବ । ମୁମ୍ବାଇ, ରାୟପୁର, ଭୁବନେଶ୍ୱର ଭଳି ବିଭିନ୍ନ ଅଞ୍ଚଳରୁ କଳାକାର ଆସିବା ଯୋଜନା ରହିଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏଥିରେ ସ୍ଥାନୀୟ କଳାକାର ମଧ୍ୟ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି । ଏହି ସମୟରେ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ସହ ମଧ୍ୟ ଆଲୋଚନା କରାଯାଇଥିବା ଜେକେ କାଗଜକଳର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ମୃତିରେଖା କର କହିଛନ୍ତି । ପାନୀୟ ଜଳ, ଅଗ୍ନିଶମ ବିଭାଗର ବ୍ୟବସ୍ଥା ଏବଂ ପଡିଆରେ ଧୂଳି ନ ଉଡିବା ପାଇଁ ପାଣି ସିଞ୍ଚନର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ପ୍ରାୟ ୩ ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ବିଭାଗ ଲକ୍ଷ୍ୟ ରଖି ପ୍ରସ୍ତୁତି ଆରମ୍ଭ କରିଛି । ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଥିବା ଜେକେ କାଗଜକଳ ପକ୍ଷରୁ କୁହାଯାଇଛି।



## ପରିତ୍ୟକ୍ତ ବଗିରୁ ଅଲଟ୍ରା ଆଧୁନିକ ରେଷ୍ଟୁରାଣ୍ଟ

### ଓଡ଼ିଶାର ପ୍ରଥମ ରେଲକୋଚ୍ ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

ରାୟଗଡ଼ା,୧୦।୧୦ (ଆଶିଷ ରଞ୍ଜନ ପଣ୍ଡା)



ମନ୍ତ୍ରୀ ଜଗନ୍ନାଥ ସାରକା,ଏନ୍.ଭାସ୍କର ରାଓ, ବିଧାୟକ ମକରନ୍ଦ ମୁଦୁଲି ରେଲକୋଚ୍ ରେଷ୍ଟୁରାଣ୍ଟ ଉଦ୍‌ଘାଟନ କରୁଛନ୍ତି।



ରାୟଗଡ଼ା ରେଳ ଷ୍ଟେଶନ ପରିସରରେ ଉଦ୍‌ଘାଟିତ ରେଲକୋଚ୍ ରେଷ୍ଟୁରାଣ୍ଟରେ ଗ୍ରାହକମାନେ ।

ରାୟଗଡ଼ା ରେଳ ଷ୍ଟେଶନ ପରିସରରେ ଓଡ଼ିଶାର ପ୍ରଥମ ରେଲକୋଚ୍ ରେଷ୍ଟୁରାଣ୍ଟ ଉଦ୍‌ଘାଟନ ହୋଇଯାଇଛି । ଆଇନମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ବଗିରୁ ଏହି ରେଲକୋଚ ରେଷ୍ଟୁରାଣ୍ଟ ବହୁତ ଆକର୍ଷଣୀୟ ଢଙ୍ଗରେ ନିର୍ମାଣ ହୋଇଛି । ଏହି ରେଷ୍ଟୁରାଣ୍ଟ ୨୪ ଘଣ୍ଟା ଖୋଲା ରହିବ । ଯାହାଦ୍ୱାରା ଟ୍ରେନରେ ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀମାନେ ସବୁବେଳ ଖାଦ୍ୟପେୟର ସୁବିଧା ପାଇପାରିବେ । ମୁଖ୍ୟତଃ ରେଳ ଡବା ଭିତରେ ରେଷ୍ଟୁରାଣ୍ଟ ସୁବିଧା ଆବାଳ ବୃଦ୍ଧବନିତା ସମସ୍ତଙ୍କୁ ଆକର୍ଷିତ କରିବ । ସେହିଭଳି ଭିତରେ ଟ୍ରେନ ସିଟ୍ ଭଳି ବସି ଖାଇବା ପାଇଁ ସୁବିଧା ରହିଛି । ରାୟଗଡ଼ା ଏବଂ ଏହାର ଆଖପାଖ ଜିଲା ତଥା ପଡ଼ୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର ପର୍ଯ୍ୟଟକମାନେ ରେଷ୍ଟୁରାଣ୍ଟକୁ ବୁଲିବାକୁ ଏବଂ ଖାଇବାକୁ ଆସିବେ । ଏହାଦ୍ୱାରା ରାୟଗଡ଼ା ସହରର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ, ବିଧାୟକ ମକରନ୍ଦ ମୁଦୁଲି ଓ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି । ଓଡ଼ିଶାର ଏହି ପ୍ରଥମ ରେଲକୋଚ୍ ରେଷ୍ଟୁରାଣ୍ଟ ରାୟଗଡ଼ାଠାରେ ଆରମ୍ଭ ହୋଇଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜିଲାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଏଠାରେ ଓଡ଼ିଆ ଖାଦ୍ୟକୁ ସମସ୍ତେ ଉପଭୋଗ କରିବା ପାଇଁ ରେଳ ବିଭାଗ ଏହି ପଦକ୍ଷେପ ନେଇଥିବା ଟ୍ୱିଟ୍ ମାଧ୍ୟମରେ ରେଳମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ରେଲକୋଚ ରେଷ୍ଟୁରାଣ୍ଟକୁ କୀର୍ତ୍ତି ଗ୍ରୁପ୍ ନାମକ ଏକ ସଂସ୍ଥା ଦାୟିତ୍ୱ ନେଇଛି। ଏହି ରେଷ୍ଟୁରାଣ୍ଟ ଯୋଗୁ ଆଗାମୀ ଦିନରେ ଅଞ୍ଚଳର ଲୋକ ବିଳମ୍ବିତ ରାତ୍ରିରେ ମଧ୍ୟ ଖାଦ୍ୟ ସୁବିଧା ପାଇପାରିବେ ବୋଲି ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଜିଲା ଯୁବ ସଭାପତି ଅବିନାଶ ବିଶୋଇ, ଜିଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଶର୍ମିଷ୍ଠା ପାଢ଼ୀଙ୍କ ସମେତ ଜିଲାର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଜିଲା ଆଇନସେବା ପ୍ରାଧିକରଣର ବିଶ୍ୱ ମାନସିକ ଦିବସ

ମାଲକାନଗିରି,୧୦।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଖଇରପୁଟ ଥାନା ଗୋବିନ୍ଦପାଲ୍ଲୀ ମୁକ୍ତିକିରଣ ଥେରାପିକ୍ କେନ୍ଦ୍ରରେ ବିଶ୍ୱ ମାନସିକ ଦିବସ ପାଳନ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ପ୍ରାୟ ୨୩ ମାନସିକ ଅନଗ୍ରସର ଶିଶୁ ସହ ତାଙ୍କ ପିତାମାତା ଉପସ୍ଥିତ ଥିଲେ । ଉକ୍ତ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆଇନସେବା ପ୍ରାଧିକରଣ ମୁଖ୍ୟ ଓକିଲ ଅଶୋକ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ତଥା ପୂର୍ବତନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ରାମଗୋବିନ୍ଦ ପଣ୍ଡା, ଥେରାପି କେନ୍ଦ୍ର ଡାକ୍ତର ସନ୍ତୋଷ କୁମାର ବେହେରା ଉପସ୍ଥିତ ରହି ସେମାନଙ୍କ ଆଇନଗତ ଅଧିକାର ସହ ସରକାରଙ୍କ ବିଭିନ୍ନ ଉପାୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ଉକ୍ତ ଦିବସରେ ନାୟକଗୁଡା ସ୍ଥିତ ଇର୍ମା ବାକା ମୂକ ବଧିର ବିଦ୍ୟାଳୟ ପରିଦର୍ଶନକରି ଏଠାରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟା ବୁଝି ବିଚାରପତି ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବିଦ୍ୟାଳୟରେ ୮୬ ଯତ୍ନ ଓ ସୁରକ୍ଷା ଆବଶ୍ୟକ ଥିବା ବିଭିନ୍ନ ବର୍ଗର ଶିଶୁ ରହୁଛନ୍ତି। କିନ୍ତୁ କିଶୋର ନ୍ୟାୟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇ ନ ଥିବାରୁ ଏବଂ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେବା ପରେ ସମ୍ପାଦକ ବାକା ପଞ୍ଜୀକୃତ ନିମନ୍ତେ ସମସ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।



ଆଇନସେବା ପ୍ରାଧିକରଣ ଦ୍ୱାରା ଯୋଗ ଦେଇଥିବା ଅତିଥି ।

## ସଂକ୍ଷେପରେ

### ଜୟପୁର ବ୍ଲକର ୧୩ ପଞ୍ଚାୟତରେ ନାହିଁ ବ୍ୟାଙ୍କ

ଉଦ୍‌ଘାଟନ ଅପେକ୍ଷାରେ ୩ ଶାଖା

ଜୟପୁର,୧୦।୧୦ (ପବନ ପାଣିଗ୍ରାହୀ)

ସମସ୍ତ ପଞ୍ଚାୟତରେ ଜାତୀୟକରଣ ବ୍ୟାଙ୍କ ଶାଖା ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଅବସରରେ ଜୟପୁର ଗସ୍ତରେ ଆସିଥିବା ଅର୍ଥ ସଚିବ ବିଶାଳ ଦେବ ୪ଟି ପଞ୍ଚାୟତ ଯାଇ ବ୍ୟାଙ୍କ ଶାଖାର ସମୀକ୍ଷା କରିଛନ୍ତି। ଜୟପୁର ବ୍ଲକର ବାଲିଆ, ରଣ୍ଡାପାଲି ଓ ବଡଜିଉନା ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲାଯାଇଛି। ଏହା ଉଦଘାଟନ ଅପେକ୍ଷାରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଧନପୁର ପଞ୍ଚାୟତରେ ବ୍ୟାଙ୍କ ଶାଖା ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ସମୀକ୍ଷା ସମୟରେ ଜିଲା ପରିଷଦ ସିଡିଓ ଗୌରବ ଇସ୍‌ଲବାରନ୍, ଅତିରିକ୍ତ ସିଡିଓ ଗଣେଶ୍ୱର କହଁର, ବିଡିଓ ରାଜୀବ ଦାସ ଉପସ୍ଥିତ ଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଜୟପୁର ବ୍ଲକର ୧୩ଟି ପଞ୍ଚାୟତରେ ବ୍ୟାଙ୍କ ଶାଖା ନଥିବା ଜଣାପଡିଛି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ରାଉଲିଗୁଡା ଗ୍ରାମର ଦେବ ହରିଜନ । ଦେବଙ୍କ ନାମରେ ଆପରାଧିକ ମାମଲା ରହିଥିଲା। ମାମଲା ରୁଜୁ ଦିନଠାରୁ ସେ ଫେରାରଥିଲେ। ତେବେ ମଙ୍ଗଳବାର ସେ ରାଉଲିଗୁଡ଼ାରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ଯୁବକ ମୃତ

ଜୟପୁର,୧୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ଅଭିମୁଖେ ଆସୁଥିବା ବେଳେ ଜଣେ ବ୍ୟକ୍ତି ଏକ ଗାଈକୁ ଧକ୍କାଦେଇ ଦୂରକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବି.ସିଂପୁର ଥାନା ଅନ୍ତର୍ଗତ କାମତା ଗ୍ରାମର ଭାନୁପ୍ରତାପ ମିଶ୍ର (୨୪)। ଭାନୁପ୍ରତାପ ବାଇକ ଯୋଗେ ଜୟପୁର ଅଭିମୁଖେ ଆସୁଥିବା ବେଳେ ଥାନା ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଗାଈଟିର ମଧ୍ୟ ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ପାଣି ପାଇଁ ବିଳମ୍ବିତ ରାତିରେ ରାସ୍ତାରୋକୋ

ଜାତୀୟ ରାଜପଥରେ ହାଣ୍ଡି,ବାଲ୍‌ଟି ରଖି ପ୍ରତିବାଦ

କୋରାପୁଟ, ୧୦।୧୦(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟିର ଗୋପନଗରରେ ଦୀର୍ଘ ଦିନ ଧରି ପାଣି ସମସ୍ୟା ରହିଥିଲେ ମଧ୍ୟ ଲାଗିରହିଛି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ବାଧ୍ୟ ହୋଇ ଗୋପନଗରବାସୀ ସୋମବାର ରାତି ୧୨ଟାରେ ୩୨୬ ନମ୍ବର ଜାତୀୟ ରାଜପଥରେ ହାଣ୍ଡି, ଗରା ଓ ବାଲଟି ଆଦି ରଖି ପ୍ରତିବାଦ ଜଣାଇଥିଲେ। ଏହାଯୋଗୁ ଦୀର୍ଘ ୩ ଘଣ୍ଟା ସମୟ ଧରି ଉକ୍ତ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା । ଖବର ପାଇ କୋରାପୁଟ ଏସଡିପିଓ ଶ୍ରାବାଣୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଏବଂ ମ୍ୟୁନିସିପାଲିଟି ପକ୍ଷରୁ ଦୁଇଟି ଟ୍ୟାଙ୍କରରେ ଗୋପନଗର ଅଞ୍ଚଳକୁ ପାଣି ପଠାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ଓ ଅଞ୍ଚଳବାସୀ ରାସ୍ତା ଅବରୋଧରୁ ହଟି ଯାଇଥିଲେ।

# ଜାଲିଆତି, ଠକେଇ ଅଭିଯୋଗରେ ଜଣେ ଗିରଫ

ମାଲକାନଗିରି, ୧୦।୧୦(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ପୋଲିସର ସ୍ୱତନ୍ତ୍ର ଟାକ୍ସଫୋର୍ସ ଦ୍ୱାରା ଜାଲିଆତି ଓ ଠକେଇ ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ଗତ ଏପ୍ରିଲରେ କୋରାପୁଟ ପୋଲିସ ଜାଲିଆତି ଓ ଠକେଇ ଅଭିଯୋଗରେ କାହ୍ନୁଚରଣ ପ୍ରଧାନ ଓ କିଶୋର ମିଶ୍ରଙ୍କୁ ଗିରଫ କରିଥିଲା। ଏହି ୨ଜଣଙ୍କ ମଧ୍ୟରୁ କାହ୍ନୁ ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ଏହାର ଅଧିକ ତଦନ୍ତ ଜାରି ରହିଛି। ତଦନ୍ତରେ ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଗ୍ରାମର ଲକ୍ଷ୍ମଣ ମାଡି ଏଥିରେ ସାମିଲଥିବା ଜଣା ପଡିଥିଲା। ଫଳରେ ମାଲକାନଗିରି ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ ଲକ୍ଷ୍ମଣଙ୍କୁ ଗିରଫ କରିଛି।

ପ୍ରକାଶଯେ, ଲକ୍ଷ୍ମଣ ମାଡ଼ିଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୬୦ ଲକ୍ଷ ଟଙ୍କାର କାରବାର ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏହି ଟଙ୍କା ବିଭିନ୍ନ ଲୋକଙ୍କୁ ଠକେଇ, ଜାଲିଆତି କରି କାରବାର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହା ପୂର୍ବରୁ ପ୍ରଧାନ ମଧ୍ୟ ଏପରି ଜାଲିଆତି କରି ଗିରଫ ହୋଇଥିବା ବେଳେ ପୋଲିସର ତଦନ୍ତ ରିପୋର୍ଟ ଅନୁଯାୟୀ ପ୍ରଧାନ ପ୍ରାୟ ୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜନସାଧାରଣଙ୍କଠାରୁ ହେରଫେର କରିଛନ୍ତି। ଏଥିସହ ମୋବାଇଲ ଟ୍ରୁ କଲର ଦ୍ୱାରା ଜଣେ ବ୍ୟକ୍ତିଙ୍କ ନାମ ଜାଣି ସେ କ'ଣ କରୁଛନ୍ତି ସେ ନମ୍ବରରେ ଅନ୍ୟ ଲୋକଙ୍କୁ ଫୋନ୍ କରି ଚାକିରିରେ ବଦଳି, ନିୟମିତ କରିବା, କ୍ରଶର ମିଲ୍ ଲାଇସେନ୍ସ, ବିଦେଶୀ ମଦଦୋକାନ ଲାଇସେନ୍ସ ଭଳି ସମସ୍ତ କାର୍ଯ୍ୟ କରୁଥିଲେ। ବିଶେଷକରି ଏହି ନମ୍ବରଗୁଡିକ ମଧ୍ୟରେ ବହୁଳ ଭାବେ ବରିଷ୍ଠ ଅଧିକାରୀଙ୍କ ନମ୍ବରଗୁଡିକ ଥିବା ପ୍ରଧାନଙ୍କ ମୋବାଇଲ ଯାଞ୍ଚ କରିବାରୁ ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ପ୍ରଧାନଙ୍କ ନାମରେ ବହୁ ମାମଲା ରୁଜୁହୋଇଥିବା ବେଳେ ବର୍ତ୍ତମାନ ଏ ସମ୍ବନ୍ଧରେ ଅଧିକ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ଆହୁରି ଅଧିକ ତଥ୍ୟ ଜଣାପଡିବ ବୋଲି ସ୍ୱତନ୍ତ୍ର ଟାକ୍ସ ଫୋର୍ସ ରିପୋର୍ଟ ପ୍ରଦାନ କରିଛନ୍ତି ।

# ବାଲିମେଳାରେ ସାଇବର ସୁରକ୍ଷା ସଚେତନତା


ସାଇବର ସଚେତନତା ରଥ ନିକଟରେ ଅତିଥିମାନେ ।

ବାଲିମେଳା,୧୦।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଥାନାରେ ମଙ୍ଗଳବାର ଥାନା ଅଧିକାରୀ ଧୀରେନ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସାଇବର ଅପରାଧ ରୋକିବା ନିମନ୍ତେ ଲୋକଙ୍କୁ ସଚେତନ କରୁଥିବା ରଥକୁ ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲେକ୍ସସିଉସ କିସ୍‌ପୋଟା, ନଗରପାଳ ପ୍ରଦୀପ କୁମାର ନାୟକ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କଙ୍କଣ ବିଶ୍ୱାସ, କଲେଜ ଅଧକ୍ଷ ରବି ନାରାୟଣ ପାତ୍ର, ପୂର୍ବତନ ଅଧ୍ୟକ୍ଷ ଏମ୍.ସୁବୁଦ୍ଧି, ଏନ୍‌ଏସି ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ବଜାର ବଣିକ ସଂଘ ସଭାପତି ରାଜେନ୍ଦ୍ର କୁଳଦୀପଙ୍କ ସମେତ ସମସ୍ତ ଥାନା ଏସ୍‌ଆଇ, ଏଏସ୍‌ଆଇ ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ଏହା ସହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦେବା ସହ ବାଲିମେଳାର ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପ୍ ମହିଳା, ଅଞ୍ଚଳର ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ । ହୁଳହୁଳି ଓ ବାଦ୍ୟର ତାଳେ ତାଳେ ବାଲିମେଳା ସଦର ମହକୁମାରେ ପରିକ୍ରମା କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଉତ୍ସାହିତ ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ମିନି ଷ୍ଟାଡିୟମରେ ସାଇବର ସୁରକ୍ଷା ସଚେତନତା ସଭା କରାଯାଇ ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧାରଣ ଜନତାଙ୍କ ସହ କଲେଜ ଛାତ୍ରୀଛାତ୍ର ଓ ସମସ୍ତ ଅଧ୍ୟାପକ ଯୋଗ ଦେଇଥିଲେ। ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ଅଧିକ ସତର୍କତା ଅବଲମ୍ବନ କରିବା, ପିଲାମାନଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବେ, ଅନ୍‌ଲାଇନ ମାଧ୍ୟମରେ ଶପିଙ୍ଗ ସମୟରେ ସତର୍କତା, ଆଧାର କାର୍ଡ, ପ୍ୟାନ୍ କାର୍ଡ, ଭୋଟର ପରିଚୟ ପତ୍ର ସମ୍ପର୍କିତ ସତର୍କତା, ନିଯୁକ୍ତି ଠକେଇ, ଲୋନ୍ ଆପ୍ ଠକେଇ, ମାଟ୍ରିମୋନିଆଲ ବା ଉପହାର ଠକେଇ, ଅଜଣା କଲ୍ ସିମ୍ ସ୍ୱାପ୍ ଠକେଇ, ଟାୱାର ବସେଇବା ଠକେଇ, ଓଏଲ୍‌ଏକ୍ସ ଠକେଇ ଭଳି ଶିକାରକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନତା କରାଯାଇଥିଲା। ଏଥିସହ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ କିସ୍‌ପୋଟା ଛାତ୍ରୀଛାତ୍ର ଓ ସାଧାରଣ ଜନତାଙ୍କୁ ଉପଦେଶ ଦେଇଥିଲେ। ବର୍ତ୍ତମାନ ବହୁ ଲୋକ ସାଇବର ଠକେଇର ଶିକାର ହେବାର ଦେଖିବାକୁ ମିଳୁଛି । ଏଣୁ ଅଜଣା ଲୋକଙ୍କ ସହ ଯୋଗାଯୋଗ ପ୍ରତି ସାବଧାନ ରହିବା, ଅଜଣା ଇମେଲ୍, ମେସେଜ କିମ୍ବା ଫୋନ୍ କଲ୍‌ରେ ନିଜର ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟ ଗୋପନୀୟ ରଖିବା ସହ କାହାକୁ ଦିଅନ୍ତୁ ନାହିଁ। ସେହିଭଳି ଇଣ୍ଟରନେଟରେ ନିଜର ଫଟୋ କିମ୍ବା ବ୍ୟକ୍ତିଗତ ତଥ୍ୟ ଦେବାବେଳେ ସତର୍କ ରହିବା ପାଇଁ କହିଥିଲେ। ଆଗାମୀ ଦିନରେ ଗ୍ରାମ ଗ୍ରାମରେ ସଚେତନ କରାଯିବାକୁ ସୂଚନା ଦେଇଥିଲେ ଥାନା ଅଧିକାରୀ ପଟ୍ଟନାୟକ। କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଓର୍କେଲ ଥାନାର ସମସ୍ତ କର୍ମକର୍ତ୍ତା ଓ ଏନ୍‌ଏସି କର୍ମଚାରୀ ଓ ସ୍ୱଚ୍ଛସାଥୀ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଜୟପୁର,୧୦।୧୦ (ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୋରାପୁଟ ମଣ୍ଡଳ କାରାଗାରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ବିଚାରପତି ସୁମନ ଜେନା, ମଣ୍ଡଳ କାରାଗାର ଅଧୀକ୍ଷକ ଲଲାଟେନ୍ଦୁ ଦାସ, ସାମାଜିକ କର୍ମୀ ଲିଙ୍ଗରାଜ ବେହେରା ଓ ମଣ୍ଡଳ କାରାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ। ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଏହି ଅବସରରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଯତ୍ନନେବା ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଖେଳ ମାଧ୍ୟମରେ ସେମାନଙ୍କ ବୌଦ୍ଧିକ ବିକାଶ ହୋଇପାରିବ। ଏହାଦ୍ୱାରା ସେମାନେ ଖୁସି ଅନୁଭବ କରିବେ ବୋଲି ମତ ପ୍ରକାଶ ପାଇଥିଲା।

### ବ୍ଲକସ୍ତରୀୟ ରଚନା, ଗୀତ ସହ ଚିତ୍ରାଙ୍କନ ପ୍ରତିଯୋଗିତା

ନନ୍ଦପୁର, ୧୦।୧୦ (ଶଙ୍କର ପୂଜାରୀ)

ବୁଧବାର ଅନ୍ତର୍ଜାତୀୟ ବାଳିକା ଦିବସ। ଏହି ଅବସରରେ ନନ୍ଦପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳର ବିଦ୍ୟାଳୟଗୁଡିକରେ ଛାତ୍ରୀଙ୍କ ମଧ୍ୟରେ ରଚନା, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୩ଟି କ୍ଲଷ୍ଟରର ଛାତ୍ରୀମାନେ ଏଥିରେ ଭାଗ ନେଇଥିଲେ। କ୍ଲଷ୍ଟର ପିଛା ୩ଜଣ ଛାତ୍ରୀ ପ୍ରତି ବିଭାଗରେ ସାମିଲ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବୁଧବାର ପୁରସ୍କୃତ କରାଯିବ ବୋଲି ଏବିଇଓ ମମତାଜ ଗମାଙ୍ଗ କହିଛନ୍ତି। ସମସ୍ତ କ୍ଲଷ୍ଟରର ସିଆର୍‌ସିସିମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ମାନସିକ ସ୍ୱାସ୍ଥ୍ୟ ଦିବସରେ ଶୋଭାଯାତ୍ରା



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଚିତ୍ରକୋଣ୍ଡା, ୧୦।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ଡା.କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଏବଂ ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟଠାରୁ ଏକତ୍ରିତ ହୋଇ ପ୍ଲାକାର୍ଡ, ବ୍ୟାନର ପୋଷ୍ଟର ଏବଂ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରା ଚିତ୍ରକୋଣ୍ଡା ସହର ତଥା କଲୋନି ପରିକ୍ରମାକରି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ମାନସିକ ରୋଗର ଲକ୍ଷଣ କ'ଣ ଓ ତା'ର ପ୍ରତିକାର ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା ।

# ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ, ଗିରଫ ୨ ବ୍ୟକ୍ତି ।

ମାଲାକନଗିରି,୧୦।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସକାଳେ କାଲିମେଳା ଅବକାରୀ ବିଭାଗ କାଲିମେଳା ଥାନା ଅନ୍ତର୍ଗତ ଜାକାଲଗୁଣ୍ଡି ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ କାର୍ ଦ୍ରୁତଗତିରେ ଆସୁଥିବା ଦେଖି କାର୍ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଗଞ୍ଜେଇ ଜବତକରି ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ଗିରଫ ବ୍ୟକ୍ତି ଦ୍ୱୟ କାଲିମେଳା ଥାନା ରାସବେଡ଼ା ଗ୍ରାମର ମହେନ୍ଦ୍ର ଖେମୁଡୁ, ମଙ୍ଗରାଜ ମୁଦୁଲି। ଏଥିରେ ୧୪୦ କେଜି ଗଞ୍ଜେଇ ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି।

# ୩ ଦାବି ନେଇ ଭୂମିଆ ସମାଜର ଦାବିପତ୍ର

ଜୟପୁର,୧୦।୧୦ (ପବନ ପାଣିଗ୍ରାହୀ)


ଦାବିପତ୍ର ଦେବାକୁ ଆସିଥିବା ଭୂମିଆ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

ଅବିଭକ୍ତ କୋରାପୁଟ ଜିଲା ଭୂମିଆ କୁଳ ସମାଜ ପକ୍ଷରୁ ୩ ଦଫା ଦାବି ପୂରଣ ନେଇ ମଙ୍ଗଳବାର ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମାଳୀ ଓ ରଣା ସମାଜର ରୀତିନୀତି ପରମ୍ପରା ସହ ଆଦିବାସୀ ରୀତିନୀତି ପରମ୍ପରାର କୌଣସି ସାମଞ୍ଜସ୍ୟ ନ ଥିବାରୁ ଉକ୍ତ ସମାଜକୁ ଆଦିବାସୀ ମାନ୍ୟତା ନ ଦେବା, ବୈପାରିଗୁଡା ପଞ୍ଚାୟତ ସମିତି ଅଧକ୍ଷ ହାତେଇଥିବା ନକଲି ଭୂମିଆ ଆଦିବାସୀ ଜାତିଗତ ପ୍ରମାଣପତ୍ରର ତଦନ୍ତକରି ଏହାକୁ ରଦ୍ଦ କରିବା, ଅଣଆଦିବାସୀମାନେ ଜାଲ୍ ପଟ୍ଟା ଓ ନକଲି ଜାତି ପ୍ରମାଣପତ୍ର କରି ସରକାରୀ ଚାକିରି କରୁଛନ୍ତି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ତ୍ରିନାଥ ସମରଥଙ୍କ ସହ ଭୂମିଆ ସମାଜର ଶତାଧିକ ସଦସ୍ୟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହାର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ନିକଟକୁ ସଙ୍ଗଠନର କର୍ମକର୍ତ୍ତାମାନେ ପଠାଇଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭିରେ ଭାଗନେଲେ ୧୨୦ ଛାତ୍ରୀଛାତ୍ର

ପାପଡ଼ାହାଣ୍ଡି, ୧୦।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବିଇଓ ବାଲକଦାସ ରନ୍ଧାରୀ ମୁଖ୍ୟ ଅତିଥି, ସିଆରସିସି ଜେମ୍‌ସ ପ୍ରଭାକର ବେହିୟା, ପ୍ରଧାନଶିକ୍ଷକ ଜଗନ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ୯ ବିଦ୍ୟାଳୟର ୧୨୦ ଛାତ୍ରୀଛାତ୍ର କନିଷ୍ଠ ଓ ବରିଷ୍ଠ ବର୍ଗର ବକ୍ତୃତା, ସୃଜନଲିଖନ, ଚିତ୍ରାଙ୍କନ, କୁଇଜ୍, ସଙ୍ଗୀତ, ହସ୍ତାକ୍ଷର ଓ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମାଣ୍ଡିଆ ବ୍ୟବହାର ବୃଦ୍ଧି ନେଇ ଓଡ଼ିଶା ମିଲେଟ ପକ୍ଷରୁ କନିଷ୍ଠ ଓ ବରିଷ୍ଠ ବର୍ଗରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ପ୍ରଥମ ସ୍ଥାନ ପାଇଥିବା କୃତି ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ପୁଞ୍ଜିଗୁଡା ପ୍ରଧାନଶିକ୍ଷକ ଦିଲ୍ଲୀପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେତଝରଣ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁମର ଭତରା, ନୀଳାଦ୍ରିଗୁଡ଼ା ପ୍ରଧାନ ଶିକ୍ଷକ ଡମ୍ବରୁ ଭତରା, କାନ୍ଦ୍ରାଗୁଡା ପ୍ରଧାନଶିକ୍ଷକ ଅନୁପମା ପୂଜାରୀ, ଦିଶାରୀଗୁଡ଼ା ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ତ୍ରିପାଠୀ, ପ୍ରମୋଦ ମାଝି, ସରୋଜ ନାୟକ, ସସ୍ମିତା ପାଢ଼ୀ, ପୂର୍ଣ୍ଣ ମୁକୁନ୍ଦ, ପ୍ରୀତି ପାରମିତା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



ଅତିଥିଙ୍କ ସହ କୃତି ପ୍ରତିଯୋଗୀମାନେ।

# କାଞ୍ଜିଆହୁଦା ବନ୍ଦ, ଛାଡ଼ି ଦିଆଗଲା ୩୬ ଗୋରୁ

ନବରଙ୍ଗପୁର,୧୦।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ପୁଣି ବଢ଼ିଲା। ପୌର ପ୍ରଶାସନ କାଞ୍ଜିଆହୁଦା ବନ୍ଦ କରି ରଖିଥିବା ୩୬ଟି ଗାଈ ଗୋରୁ ଓ ବାଛୁରୀଙ୍କୁ ବାହାରେ ଛାଡ଼ି ଦେଇଛି। ଛାଡିବା ସମୟର ଭିଡ଼ିଓ ଜାରି କରାଯାଇଛି। ନବରଙ୍ଗପୁର ସହର ମଧ୍ୟରେ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ଏବେ ପାର୍ବଣ ସମୟ। ଜନଗହଳି ସହ ପାର୍କିଂ ପାଇଁ ସ୍ଥାନ ଅଭାବ। ବୁଲା ଗାଈ ଗୋରୁ ରାସ୍ତା ଉପରେ ଗୋଠ କରି ବସିଲେଣି। ଭାରିଯାନ ଆଗକୁ ବୁଲା ଗୋରୁ ଆସିଯିବାରୁ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ରୋକିବାକୁ ସେମାନଙ୍କ ଶିଙ୍ଘରେ ରେଡିୟମ ଷ୍ଟିକର ଲଗାଯାଇ ପାରୁ ନାହିଁ।

ଜନସାଧାରଣ, ନବରଙ୍ଗପୁର ବଣିକ ସଂଘ ଓ ଭିଜନ ନବରଙ୍ଗପୁର ପକ୍ଷରୁ ବୁଲା ଗାଈ ଗୋରୁ ନିୟନ୍ତ୍ରଣ ପାଇଁ ଜିଲାପାଳ ଓ ପୌର ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ପୌରସଂସ୍ଥା ପକ୍ଷରୁ ଜରାଜୀର୍ଣ୍ଣ ଆଶୀର୍ବାଦ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ କାଞ୍ଜିଆହୁଦା କରି ସେଠାରେ ବୁଲା ଗୋରୁଙ୍କୁ ରଖାଯାଉଥିଲା। ମାଲିକମାନେ ପ୍ରମାଣ ସହିତ ଜରିମାନାଦେଇ ସେଠାରୁ ନିଜ ଗାଈ ଗୋରୁଙ୍କୁ ନେଉଥିଲେ। ପୌରସଂସ୍ଥାର ସାନିଟାରୀ ଏକ୍ସପର୍ଟ ମନୋଜ କୁମାର ଦତ୍ତ ୪ ତାରିଖରେ କାଞ୍ଜିଆହୁଦାରୁ ୨ଟି ବାଛୁରୀ ବେଆଇନଭାବେ ଭତରା ଗାଁର ଦୁର୍ଜନ ଭତ୍ରଙ୍କ ବିକ୍ରି କରିଥିବା ନେଇ ନବରଙ୍ଗପୁର ଥାନାରେ ପୌର ନିର୍ବାହୀ ଅଧିକାରୀ ଅଭିଯୋଗ କରିଥିଲେ। ଅଧିକାରୀ ଦତ୍ତଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। କୋର୍ଟରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ଏହାପରେ ମଙ୍ଗଳବାର କାଞ୍ଜିଆହୁଦାରୁ ଗାଈ ଗୋରୁ ଛାଡ଼ି ଦିଆଯାଇଛି। ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରୁ ପୌରାଧ୍ୟକ୍ଷ କୁନୁ ନାୟକ, କର୍ମଚାରୀ ଓ କାଉନ୍‌ସିଲରଙ୍କୁ ନେଇ ଏକ ବୈଠକ କରାଯାଇଥିଲା। କାଞ୍ଜିଆହୁଦାରେ ଆଉ ଗାଈଗୋରୁ ରଖିବା ନାହିଁ ଓ ଅଯଥା ବିବ୍ରତ ଆଣିବା ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୌରାଧ୍ୟକ୍ଷ କୁନୁ ନାୟକଙ୍କ ଉପସ୍ଥିତିରେ ପ୍ରମାଣ ପାଇଁ ଭିଡିଓ କରାଯାଇ କାଞ୍ଜିଆହୁଦାରୁ ୨ଟି ବାଛୁରୀ ସମେତ ୩୬ ଗାଈ ଗୋରୁଙ୍କୁ ବାହାରକୁ ଛାଡି ଦିଆଯାଇଛି ବୋଲି ସେ କହିଛନ୍ତି।


କାଞ୍ଜିଆ ହୁଦାରୁ ଗୋରୁମାନଙ୍କୁ ଛଡ଼ାଯାଉଛି।

### ବୁଲାଗୋରୁ ନିୟନ୍ତ୍ରଣରେ ପୌରସଂସ୍ଥା ଅସମର୍ଥ

## ସଂକ୍ଷେପରେ

### ସରିଲା ସଂକଳ୍ପ ସପ୍ତାହ

ଡାବୁଗାଁ,୧୦।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସଂକଳ୍ପ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହା ଅକ୍ଟୋବର ୩ରୁ ୯ ପର୍ଯ୍ୟନ୍ତ ଚାଲିଥିଲା। ଏହି ୭ ଦିନରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଏକ ସଂକଳ୍ପ, ସୁପୋଷିତ ପରିବାର, ସ୍ୱଚ୍ଛତା ଏକ ସଂକଳ୍ପ, କୃଷି ମହୋତ୍ସବ, ଶିକ୍ଷା ଏକ ସଂକଳ୍ପ, ସମୃଦ୍ଧି ଦିବସ, ସମାବେଶ ଓ ସମାରୋହ ଆଦି ବିଷୟରେ କାର୍ଯ୍ୟକ୍ରମମାନ କରାଯାଇଛି। ପଞ୍ଚାୟତ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ମେଡିକାଲ ଓ ଶେଷ ଦିନରେ ବ୍ଲକ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ସାଇରା ବାନୁ, କୁନ୍‌ମୁନ୍ ସେନାପତି, ରୋଜାଲିନ ପ୍ରଧାନ, ଡାଇନାସିଲ ବଂଶଦ, ଶେଫାଳି ସୂତାର, ମମତା କୁମାରୀ, ହିତେଶ ବୋଲେରା, ଫାରେନା ଖାତୁନ, ମିଲେଟ ମିଶନ ବ୍ଲକ ସଂଯୋଜକ ନବୀନ ମହୁରିଆ, ଅତିରିକ୍ତ ବ୍ଲକ ସଂଯୋଜକ ସସ୍ମିତା ବଳବନ୍ତରାୟ, ମିଶନ ଶକ୍ତି ବିପିଏ ନବୀନ ଭତ୍ରା ଓ ଜନସାଧାରଣ ଉପସ୍ଥିତ ଥିଲେ।

### ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି, ୧୦।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ କରାଯାଇଛି। କୁର୍ମାକୋଟ ଛକରୁ ତେନ୍ତୁଳିଖୁଣ୍ଟି ପର୍ଯ୍ୟନ୍ତ କଂଗ୍ରେସ ନେତା ଓ କର୍ମୀ ପଦଯାତ୍ରା କରି ପଥଚାରୀଙ୍କୁ ଦଳର ବାର୍ତ୍ତା ଥିବା ଲିଫ୍‌ଲେଟ ପ୍ରଦାନ କରିଥିଲେ। ପ୍ରଦେଶ କଂଗ୍ରେସ ଆଦିବାସୀ ସେଲ୍ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ କୁଶିଆ ମାଝି, ଦିଲୀପ ପ୍ରଧାନୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଯୁବ କଂଗ୍ରେସ ମାଲକାନଗିରି ପର୍ଯ୍ୟବେକ୍ଷକ ଦ୍ୱାରିକା ମହାପାତ୍ର, କିଶୋର ସିଂ, ଅଜୟ ହିଆଲ, ସରପଞ୍ଚ ଟଭା ନାୟକ, ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗ ରତ୍ନମା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

### ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ



ଉମରକୋଟ, ୧୦।୧୦(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅଧୀନ ମା' ପେଣ୍ଡ୍ରାଣୀ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ବଣ୍ଟନ କରାଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ମନିନ୍ଦ୍ର ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ବୁର୍ଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୀରସିଂ ମାଝି ମୁଖ୍ୟ ଅତିଥି, ବୁର୍ଜା ସମିତି ସଭ୍ୟ ହୀରାଲାଲ ମାଝି, ନାଏବ ସରପଞ୍ଚ ଘାସିରାମ ମାଝି, ବାବୁଲାଲ ହରିଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୁର୍ଜା କ୍ଲଷ୍ଟର ସିଆର୍‌ସିସି ଆର୍‌ଧର୍ନୁଜୟ ରାଓ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଅଜୟ ପଲାଇ ମଞ୍ଚ ପରିଚାଳନା କରିଥିଲେ।

# 'ଲୋଭରେ ପଡ଼ି କାହାରିକୁ ଓଟିପି ଦିଅନ୍ତୁ ନାହିଁ'

### ସଚେତନ ବାର୍ତ୍ତାଦେଲା ସାଇବର ସୁରକ୍ଷା ରଥ

ଉମରକୋଟ, ୧୦।୧୦ (ସନ୍ତୋଷ ଶତପଥୀ)




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାଇବର କ୍ରାଇମ୍ ରୋକିବାକୁ ଉମରକୋଟରେ ଆଜି ନବରଙ୍ଗପୁର ଜିଲା ପୋଲିସ ସଚେତନ କରୁଛି। ନବରଙ୍ଗପୁର ଜିଲା ପୋଲିସ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଉମରକୋଟ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ। ଉମରକୋଟ ଥାନାରୁ ସଚେତନତା ରଥ ବାହାରି ଗୁରୁକୃପା କଲେଜରେ ପହଞ୍ଚି ଥିଲା। ସେଠାରେ ଛାତ୍ରୀଛାତ୍ର କର୍ମଚାରୀ ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେଠାରେ ଏକ ସଭା କରି ଉପସ୍ଥିତ ପିଲାଙ୍କୁ ସଚେତନ କରାଯାଇଛି। ସେଠାରୁ ଏହି ସଚେତନତା ରଥ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ପହଞ୍ଚି ଥିଲା। ସେଠାରେ ମଧ୍ୟ ଅନୁରୂପ ସଭା କରାଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ପୋଲିସ ଅଧିକାରୀମାନେ ସାଇବର ଠକେଇରୁ ସତର୍କ ରହିବା ପାଇଁ ବିଭିନ୍ନ ଉପାୟ କହିଥିଲେ। ବିଶେଷ କରି ଏଟିଏମ ବ୍ୟବହାର ଓ ଏଟିଏମ ପିନ ନମ୍ବର କାହାକୁ ନଦେବା, କିଛି ଦିନ ବ୍ୟବଧାନରେ ଏଟିଏମ୍ ପିନକୁ ପରିବର୍ତ୍ତନ କରିବା, ଲୋଭରେ ପଡ଼ି କୌଣସି ଅଚିହ୍ନା ଲୋକଙ୍କୁ ଓଟିପି ନ ଦେବାକୁ କୁହାଯାଇଛି। ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସଚେତନ କଲେ ଲୋକେ ଉପକୃତ ହୋଇପାରିବେ ବୋଲି ଅଧିକାରୀମାନେ କହିଥିଲେ। ସରକାର ଓ ପ୍ରଶାସନ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ସେମାନେ ଲୋଭର ବଶବର୍ତ୍ତୀ ହୋଇ ଠକାମୀର ଶିକାର ହେଉଛନ୍ତି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି। ଆଞ୍ଚଳିକ ଭାଷାରେ ଏକ ନାଟକ ପରିବେଷଣ କରାଯାଇ ପିଲାଙ୍କୁ ସଚେତନ କରାଯାଇଛି। ଏହି ସମୟରେ ଶିଳ୍ପାନୁଷ୍ଠାନ ଅଧକ୍ଷ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନୂତନ ବସଷ୍ଟାଣ୍ଡରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ପାଇଁ ଏକ ପଥପ୍ରାନ୍ତ ସଭା କରାଯାଇଛି। କାର୍ଯ୍ୟକ୍ରମରେ ଉମରକୋଟ ଆଇଆଇସି ଡମ୍ବୁରୁଧର ପ୍ରଧାନ, ପୋଲିସ ସବ୍‌ଇନ୍ସପେକ୍ଟର ନିଳିମା ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ମିଶ୍ର, ସନ୍ତୋଷ ମାଝି, ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ,ଏଏସ୍‌ଆଇ ଦିଲୀପ ବାଘଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଇଂଲିଶରେ ସରକାରୀ ଯୋଜନା ଲେଖାକୁ ବିରୋଧ

### ତୁରନ୍ତ ବନ୍ଦ ନ ହେଲେ ବ୍ଲକ କଂଗ୍ରେସର ଆନ୍ଦୋଳନ ଚେତାବନୀ

କୋଷାଗୁମୁଡ଼ା, ୧୦।୧୦ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୃଷି ପରାମର୍ଶ କେନ୍ଦ୍ର ଦ୍ୱାରା ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଗୁଡିକ ସମ୍ପର୍କରେ ଇଂରାଜୀ ଭାଷାରେ ଲିଖିତ ଏକ ପାମ୍ପ୍ଲେଟ୍ ବଣ୍ଟନ କରାଯାଉଛି। କଂଗ୍ରେସ କମିଟି ଏହାକୁ ତୀବ୍ର ନିନ୍ଦା କରିଛି। ବ୍ଲକରେ ଇଂରାଜୀ ଭାଷାରେ ଲିଖିତ ବିଷୟରେ କେତେଜଣ ଚାଷୀ ପଢ଼ି ବୁଝିପାରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଚାଷୀମାନେ କ'ଣ କ'ଣ ଯୋଜନା ଅଛି କିପରି ବୁଝିବେ ବୋଲି ପଚାରିଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବେସରକାରୀ ଦୋକାନମାନଙ୍କୁ ମଧ୍ୟ ଓଡ଼ିଆରେ ହୋର୍ଡିଂ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସରକାର ନିଜେ ଇଂଲିଶ୍‌ରେ ପେପର ଛପାଇ ବାଣ୍ଟୁଛନ୍ତି ବୋଲି କଂଗ୍ରେସ କର୍ମୀମାନେ ଅଭିଯୋଗ କରିଛନ୍ତି। ଓଡ଼ିଆ ଭାଷାରେ ଉକ୍ତ ଯୋଜନାଗୁଡ଼ିକୁ ଛାପି ଚାଷୀମାନଙ୍କୁ ଦେବାକୁ କୁହାଯାଇଛି। ଏହିପରି ଅନେକ ଯୋଜନା ଇଂରାଜୀରେ ଛପାଯାଇ ବଣ୍ଟାଯାଉଛି। ତାହାକୁ ଲୋକେ ବୁଝି ପାରୁନାହାନ୍ତି। ତୁରନ୍ତ ଇଂରାଜୀ ଲେଖା ବନ୍ଦ କରନ୍ତୁ ନ ହେଲେ ଆଗାମୀ ଦିନରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ପଦମ ସାଇ ମାଳି, ପୂର୍ବତନ ବ୍ଲକ ଅଧକ୍ଷ ଗୀତାମଣି ସମରଥ, ସଞ୍ଜୀବ କୁମାର ବିଷୋୟୀ, ଧରମ ସିଂ, ବାବୁଲି ବାଘ, ସମିତି ସଭ୍ୟ ଯୁଗଧର ହରିଜନ, ଛାତ୍ର କଂଗ୍ରେସ ସଭାପତି ଧନୁର୍ଜ୍ୟୟ ବିଷୋୟୀ, କେ.ଏନ୍.ରାଜୁ ଓ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ ।



କଂଗ୍ରେସ ନେତା ଓ କର୍ମୀମାନେ ଇଂଲିଶରେ ବଣ୍ଟାଯାଉଥିବା ପାମ୍ପ୍ଲେଟ୍ ଦେଖାଇ ଅଭିଯୋଗ କରୁଛନ୍ତି।

## ଜିଲା ବିଦ୍ୟାଳୟ ସମୂହ ଖେଳ, ଦୌଡ଼ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳିମାନେ।

ପାପଡ଼ାହାଣ୍ଡି,୧୦।୧୦(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ମିନି ଷ୍ଟାଡିୟମରେ ୨ଦିନ ଧରି ଚାଲିଥିବା ୧୦ମ ଜିଲା ବିଦ୍ୟାଳୟ ସମୂହ ଖେଳ ଓ ଦୌଡ଼ ପ୍ରତିଯୋଗିତା ଶେଷ ହୋଇଛି। ଜିଲାର ୧୦ ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଖୋଖୋ ଓ କବାଡି ଆଦି ପ୍ରତିଯୋଗିତରେ ଭାଗ ନେଇଥିଲେ। ଉଦ୍‌ଘାଟନ ସମାରୋହରେ ଏଡିଇଓ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି, ପାପଡ଼ାହାଣ୍ଡି ବିଇଓ ସୋମରେନ୍ଦ୍ର ଭୌମିକ, ନବରଙ୍ଗପୁର ବିଇଓ ରମେଶ ଚନ୍ଦ୍ର ରାଏ, ଏବିଇଓ ବାଲକ ଦାସ ରନ୍ଧାରୀ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ଶତପଥୀ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତମାନର ଏସିଆଡ୍ ଖେଳର ଉଦାହରଣ ଦେଇ କଠିନ ପରିଶ୍ରମ କରି ଜଣେ ଜଣେ ସଫଳ କ୍ରୀଡ଼ାବିତ ହେବା ଲାଗି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ୧୭ ବର୍ଷରୁ କମ୍ ବାଳକ ବିଭାଗର ଖୋଖୋରେ ୧୨ ଜଣିଆ ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ଅନୁଗୁଳ ଯିବାକୁ ମନୋନୀତ ହୋଇଛନ୍ତି । ଖେଳ ଶିକ୍ଷକ ମନୋରଞ୍ଜନ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଗୋପାଳ ପଟ୍ଟନାୟକ, ଅଜିତ ପରିଜା, ବ୍ରଜବନ୍ଧୁ କାଣ୍ଡି, ରଞ୍ଜନ ପରିଡା, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ମାନସିକ ସ୍ୱାସ୍ଥ୍ୟ ଦିବସରେ ଆଇନ ସଚେତନତା ଶିବିର

ନବରଙ୍ଗପୁର, ୧୦।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମିଳିତଭାବେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସକୁ ନେଇ ଏକ ଆଇନ ସଚେତନତା ଶିବିର କରାଯାଇଛି। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କମଳଲୋଚନ ମିଶ୍ର ମୁଖ୍ୟ ଅତିଥି, ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ, ସିଡିଏମ୍‌ଓ ଡ. ମଳୟ କୁମାର ତ୍ରିପାଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ. କାହ୍ନୁଚରଣ ପାତ୍ର, ଡ. ନବକିଶୋର ବେହେରା, ନରସିଂହ ନାଥ ତ୍ରିପାଠୀ ଓ ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରମୁଖ ଭାଗ ନେଇଥିଲେ। ଅତିଥିମାନେ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା କାର୍ଯ୍ୟକାରୀ ସଞ୍ଚାଳକ ସୁଶାନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।



ଜଣେ ଅତିଥି ନିଜ ମତ ଦେଉଛନ୍ତି।

## ଭାଜପାର ମିଶ୍ରଣ ପର୍ବ

ଚନ୍ଦାହାଣ୍ଡି/ ତେନ୍ତୁଳିଖୁଣ୍ଟି, ୧୦।୧୦(ଦିଲୀପ ଦାସ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ସାଲେଭଟାରେ ଭାଜପାର ମାଲଗାଁ ମଣ୍ଡଳସ୍ତରୀୟ ବୈଠକ, ମିଶ୍ରଣ ପର୍ବ ଓ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ କରାଯାଇଛି। ଜିଲା ସଭାପତି ଜଗଦୀଶ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ମୁଖ୍ୟ ଅତିଥି, ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ବାସନ୍ତୀ ମାଝି, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝି, ଜିଲା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦିଲୀପ ଦାସ, ଯୁବମୋର୍ଚ୍ଚା ସଭାପତି ଭୋଦେବ ବାଘ, ମହିଳା ମୋର୍ଚ୍ଚା ସଭାପତି ହେମଲତା ବାଘ, କୃଷକ ମୋର୍ଚ୍ଚା ସଭାପତି ଶୁକ୍ରୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦଳକୁ ୱାର୍ଡ ସ୍ତରରୁ ମଜଭୁତ କରିବାକୁ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି। ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ କର୍ମୀମାନେ ନିଷ୍ଠାର ସହ କାମ କରିବାକୁ କୁହାଯାଇଛି। ଏହି ଅବସରରେ ୩୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଭାଜପାରେ ମିଶିଥିଲେ। ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଘରୁ ସଂଗ୍ରହ କରାଯାଇଥିବା ମାଟିକୁ କଳସରେ ରଖାଯାଇ ଚନ୍ଦାହାଣ୍ଡି ସହର ପରିକ୍ରମା କରାଯାଇଛି। ସେହିଭଳି ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଗାଦାବାଗୁଡ଼ା ଗ୍ରାମରେ ଭାଜପା ନେତା ଗୌରୀଶଙ୍କର ମାଝିଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ କରାଯାଇଛି। ଏହି ମିଶ୍ରଣ ପର୍ବରେ ଭୁବନ ସାହୁ, ସୁରେଶ ନାୟକ, ଶିବାନନ୍ଦ ପଟ୍ଟନାୟକ, ହୀରଣ ହରିଜନ, ବନମାଳୀ ଗାଦାବା, ଗୋକୁଳ ଗାଦବା, ଦିବାକର ହରିଜନ, ପୂର୍ଣ୍ଣ ମାଝି, ଭଗବାନ ହରିଜନ, ଅଭି ଟାକ୍ରି, ଗୁପ୍ତ ସାହୁ, ଲକ୍ଷ୍ମଣ ଖୁରା, ରାମ ସାହୁ, ଶିଶୁସାନ୍ତ କର୍କରାଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଏଥିରେ ମିଶିଥିଲେ। ନବରଙ୍ଗପୁର ଭାଜପା ମିଡିଆ ସେଲ ସଂଯୋଜକ ଦେବଦାସ ମହାନଗୁଡ଼, ଜ୍ୟତି କଂସ, ଧରଣୀ ସିଂ, ରାଜେଶ ହରିଜନ, ଆଶିଷ କୁମାର ଟାକ୍ରି ଏଥିରେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

ଡାବୁଗାଁ, ୧୦।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଡିଓ ଶରତ ମାଝି ମୁଖ୍ୟ ଅତିଥି, ବିଇଓ ଶିବଶଙ୍କର ମଣ୍ଡଳ, ଅଙ୍ଗନୱାଡି ସୁପରଭାଇଜର ସାଇରା ବାନୁ ଓ ବିମଳା ନାୟକ, ଏବିଇଓ ଭଗବାନ ମାଝି, ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଗିରିଶବାଳା ଜେନା, ପିଙ୍କି ଗୁପ୍ତା, ଯୁଧିଷ୍ଠିର ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏଥିରେ ଶିଶୁ କନ୍ୟାମାନଙ୍କ ପାଇଁ ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କନିଷ୍ଠ ବିଭାଗ ସଙ୍ଗୀତରେ ଦୀପ୍ତିମୟୀ ରଥ, ନୃତ୍ୟରେ ସାଇସ୍ମିତ୍ରା ବକ୍ସି, ପ୍ରବନ୍ଧ ଲିଖନରେ ଜୟମଣି ମାଝି ଓ ବରିଷ୍ଠ ବିଭାଗ ସଙ୍ଗୀତରେ ପ୍ରଜ୍ଞାପାରମିତା ନାୟକ, ନୃତ୍ୟରେ ମନୀଷା ହରିଜନ, ପ୍ରବନ୍ଧ ଲିଖନରେ ପୁନମ ମିଶ୍ର ବୁଧବାର ହେବାକୁ ଥିବା ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସରେ ଭାଗ ନେବେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ପରିଚାଳନା କରିଥିଲେ।

## ଟଙ୍କା ବ୍ୟାଗ ଲୁଟି ଯୁବକ ଗିରଫ

ପାପଡ଼ାହାଣ୍ଡି,୧୦।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବସ୍‌ଷ୍ଟାଣ୍ଡ ଛକ ନିକଟରୁ ଟଙ୍କା ବ୍ୟାଗ ଲୁଟିଥିବା ଜଣେ ଯୁବକଙ୍କୁ ପାପଡ଼ାହାଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦିଶାରୀଗୁଡା ଗ୍ରାମର ଲବ ଭତରା। ସୂଚନା ଅକ୍ଟୋବର ୮ରେ ଡାବୁଗାଁ ଗ୍ରାମର ଅରୁଣ ପାଣିଗ୍ରାହୀ କୌଣସି କାମରେ ନବରଙ୍ଗପୁର ଯାଇଥିଲେ। ରାତିରେ ଏକ ସରକାରୀ ବସରେ ନବରଙ୍ଗପୁରରୁ ଡାବୁଗାଁ ଫେରିବା ସମୟରେ ଅରୁଣ ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ଛକରେ ଏକ ଦୋକାନରୁ କିଛି ଜିନିଷ କିଣିବାକୁ ଯାଇଥିଲେ। ଏହିସମୟରେ ଜଣେ ଯୁବକ ଅରୁଣଙ୍କୁ ଧକ୍କାଦେଇ ଟଙ୍କା ବ୍ୟାଗକୁ ନେଇ ଚାଲିଯାଇଥିଲା। ଅରୁଣ ପାପଡ଼ାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଗରେ ୧୮ହଜାର ଟଙ୍କା, ଏଟିଏମ୍ କାର୍ଡ, କାଗଜ ପତ୍ର ଥିଲା। ପାପଡ଼ାହାଣ୍ଡି ପୋଲିସ କେସ୍ ନଂ. ୧୭୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ଦିଶାରୀଗୁଡା ଗ୍ରାମର ଲବ ଭତରାଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଲବଙ୍କ ପାଖରୁ ୧୬,୨୬୦ ଟଙ୍କା ଜବତ କରିଛି। ମଙ୍ଗଳବାର ଲବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

## ଅଳ୍ପ ସୁରକ୍ଷା କର୍ମୀଙ୍କ ଭରସାରେ ଇନ୍ଦ୍ରାବତୀ ଜଳ ଭଣ୍ଡାର

### ଡ୍ୟାମ ଅଞ୍ଚଳରେ ହେଉଥିବା ଅପରାଧକୁ ଦେଖି ସିସିଟିଭି ଲଗାଇବା ଦାବି

ତେନ୍ତୁଳିଖୁଣ୍ଟି , ୧୦।୧୦(ଚିଦାନନ୍ଦ ସାହୁ)

ଇନ୍ଦ୍ରାବତୀ ପ୍ରକଳ୍ପର ୪ ଡ୍ୟାମକୁ ଲାଗି ରାୟଗଡ଼ା, କୋରାପୁଟ କଳାହାଣ୍ଡି ଜିଲା ରହିଛି। ଉକ୍ତ ଅଞ୍ଚଳର ଲୋକଙ୍କ ଏହି ଜଳଭଣ୍ଡାର ଦେଇ ଯିବାଆସିବା ଲାଗିଛି। ଏଣୁ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା, ଗଞ୍ଜେଇ ଚୋରା କାରବାର ରୋକିବା, ପର୍ଯ୍ୟଟକଙ୍କ ସୁରକ୍ଷା, ନକ୍ସଲ ଗତିବିଧି ଉପରେ ନଜର ପାଇଁ ସିସି ଟିଭି କ୍ୟାମେରାର ଆଶ୍ୟକତା ରହିଛି।

ଅପରାଧ ରୋକିବା, ଜଳଭଣ୍ଡାରର ସୁରକ୍ଷା ସହ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୋଲାବ ଜଳଭଣ୍ଡାରରେ ୩୨ଟି ସିସି ଟିଭି କ୍ୟାମେରା ଲାଗିଛି। କିନ୍ତୁ ସେହି ଗୋଟିଏ ମୁଖ୍ୟମନ୍ତ୍ରୀ ଇନ୍ଦ୍ରାବତୀ ଓ କୋଲାବ ବେସିନ ଅଧୀନରେ ଥିବା ଇନ୍ଦ୍ରାବତୀର କୌଣସି ବନ୍ଧ ଅଞ୍ଚଳରେ ସିସି ଟିଭି କ୍ୟାମେରା ଲଗା ନ ଯିବା କାରଣ କ'ଣ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ମୁରାନ ବନ୍ଧ, କପୁର ବନ୍ଧ, ପୋଡ଼ାଗଡ଼ ବନ୍ଧ ତଥା ଦେଓପାଲି ବନ୍ଧ ୪୮ କିମି ବ୍ୟାସାର୍ଦ୍ଧରେ ରହିଛି। ଏ ସବୁର ସୁରକ୍ଷା କେତେଜଣ ଲାଠି ଓ ଅଳ୍ପ ସଂଖ୍ୟକ ଗନ୍‌ମ୍ୟାନ ସୁରକ୍ଷା କର୍ମୀଙ୍କ ଭରସାରେ। ତାହା ପୁଣି ଘରୋଇ ସୁରକ୍ଷା ସଂସ୍ଥା ପରିଚାଳନାରେ। ଜଳଭଣ୍ଡାର ଅଞ୍ଚଳରେ ଆତ୍ମହତ୍ୟା ଓ ଆରମ୍ଭ କରି ହତ୍ୟାକାଣ୍ଡ ଘଟିଥିବା ନଜିର ରହିଛି। କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ବନ୍ଧଗୁଡିକର ସୁରକ୍ଷା କଣ କିଛି ହାତ ଗଣତି ସୁରକ୍ଷାକର୍ମୀ କରି ପାରିବେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ମୁରାନ ବନ୍ଧ, ଦେଓପାଲି ବନ୍ଧ ଅଞ୍ଚଳରେ ଥିବା ପାର୍କକୁ ପର୍ଯ୍ୟଟକ ଆସିଥାନ୍ତି। ଦେଓପାଲି ବନ୍ଧ ପାଖ ରାସ୍ତା ଦେଇ ତଳନାଗି ଗ୍ରାମବାସୀ ତେନ୍ତୁଳିଖୁଣ୍ଟିକୁ ଯିବା ଆସିବା କରିଥାନ୍ତି। ପୋଡ଼ାଗଡ଼ ବନ୍ଧ ଜଳଭଣ୍ଡାର ଘାଟରେ ୧୦୮ ବୋଟ ଆମ୍ବୁଲାନ୍ସ ରହୁଛି। ବାହାଡ଼ା ଘାଟବାସୀ, ଜଳବନ୍ଦୀ କଳାହାଣ୍ଡିର ପୋଡ଼ାପଦର ପଞ୍ଚାୟତ ଓ ନବରଙ୍ଗପୁର ମଞ୍ଚଗାଁବାସୀ ଡଙ୍ଗା ଘାଟକୁ ଯାଆନ୍ତି। ଏଣୁ ସାମଗ୍ରିକ ଭାବେ ସୁରକ୍ଷା ପାଇଁ ଚାରିବନ୍ଧ ଅଞ୍ଚଳରେ ଅଧିକ ସୁରକ୍ଷା କର୍ମୀ ନିୟୋଜନ ସହ ସିସି କ୍ୟାମେରାର ଆଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏହି ଡ୍ୟାମ ରାସ୍ତା ଚୋରା ଅପରାଧିକ କାରବାରର କରିଡର। ଏହି ଜଳ ଭଣ୍ଡାର ଅଞ୍ଚଳ ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ତେଣୁ ତେନ୍ତୁଳିଖୁଣ୍ଟି ଡ୍ୟାମରେ ସିସି କ୍ୟାମେରା ଲଗାଇବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ମୁଖ୍ୟଯନ୍ତ୍ରୀ ଶତ୍ରୁଘ୍ନ ମହାରଣାଙ୍କୁ ପଚାରିବାରୁ ସିସି କ୍ୟାମେରା ଡ୍ୟାମ ମାନଙ୍କରେ ଲାଗିବା କଥା। ଡ୍ୟାମ କଥା ଓଏଚପିସି ବୁଝୁଥିଲା। ଆମ ପାଖକୁ ବର୍ଷେ ହେବ ଆସିଛି। ଏ ଦିଗରେ କ'ଣ କରାଯାଇ ପାରିବ ଦେଖିବି ବୋଲି ସେ କହିଛନ୍ତି।

## ଭିକ ମାଗି ପେଟ ପୋଷୁଛନ୍ତି ବୟସ୍କ ଦମ୍ପତି

### ପଚାରିଲେନି ସନ୍ତାନ, ପର ବାରଣ୍ଡାରେ ବିତୁଛି ଜୀବନ

ଚନ୍ଦାହାଣ୍ଡି, ୧୦।୧୦(ଦିଲୀପ ଦାସ)



ରହିବାକୁ ଘର ନାହିଁ। ଜମିବାଡ଼ି କି ଡିହ ଖଣ୍ଡେ ନାହିଁ। ପରିଶ୍ରମକରି ପେଟକୁ ଦାନା ଗଣ୍ଡେ ଯୋଗାଇବା ଆମ ପକ୍ଷେ ସମ୍ଭବ ହେଉନାହିଁ। ପୁଅ ଝିଅ ଆମକୁ କେହି ପଚାରୁନାହାନ୍ତି। ଉପାୟ ନ ପାଇ ଶେଷରେ ବାଧହୋଇ ଭିକ ମାଗୁଛୁ। ହେଲେ ଭିକ ମାଗିଲେ ବି ଏଥିରେ ଆମ ଦୁଇ ପ୍ରାଣୀଙ୍କ ପେଟ ପୂରୁନି ବାବୁ। ଅନେକ ସମୟରେ ଭୋକ ଉପାସରେ ଦିନ କାଟିବାକୁ ପଡୁଛି ବୋଲି କୋହଭରା କଣ୍ଠରେ କହିଛନ୍ତି ବୃଦ୍ଧ ଦମ୍ପତି। ନବରଙ୍ଗପୁର ଜିଲା ରାଇଘର ବ୍ଲକ ଟିମନପୁର ପଞ୍ଚାୟତ ଟିଙ୍ଗରାଭଟା ଗାଁର କଛରୁ ବେଣ୍ଡ୍ରା(୬୫) ଓ ତାଙ୍କ ସ୍ତ୍ରୀ ମିଲନ୍ତି ଗୌଡ଼(୫୦) ଦୀର୍ଘଦିନ ହେଲା ଚନ୍ଦାହାଣ୍ଡି ଅଞ୍ଚଳର ବିଭିନ୍ନ ଗାଁ ଗାଁ ବୁଲି ଭିକ ମାଗୁଛନ୍ତି। ରାତି ହେଲେ କାହା ଦୋକାନ କି ଘର ବାରଣ୍ଡା ନ ହେଲେ କୋଉ ସ୍କୁଲ, ଅଙ୍ଗନୱାଡି ପିଣ୍ଡାରେ ଶୋଉଛନ୍ତି। ରାତି ପାହିଲେ ପୁଣି ଭିକ ମାଗିବାକୁ ବାହାରି ପଡ଼ନ୍ତି।

କଛରୁଙ୍କ କହିବାନୁଯାୟୀ ତାଙ୍କ ପାଖରେ ପରିଚୟ ପତ୍ର, ରାଶନ କାର୍ଡ, କିମ୍ବା ଆଧାର କାର୍ଡ ନାହିଁ। ଯାହାସବୁ ଥିଲା ହଜିଯାଇଛି। ରାଶନ କାର୍ଡ ହଜିଯିବାରୁ ପଞ୍ଚାୟତରେ ଚାଉଳ ଦେବା ପାଇଁ ମନା କରିଦେଲେ। ତେଣୁ ୯ମାସ ହେବ ସେମାନଙ୍କୁ ଚାଉଳ ମିଳିନାହିଁ। ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଛନ୍ତି ହେଲେ ତାଙ୍କ କଥା କେହି ଶୁଣୁ ନ ଥିବା ସେ କହିଛନ୍ତି। କଛରୁଙ୍କ ୨ ପୁଅ ଓ ଗୋଟିଏ ଝିଅ। ସମସ୍ତେ ବିବାହିତ। କଛରୁ ଓ ମିଲନ୍ତିଙ୍କୁ ଘରୁ ତଡ଼ିଦେଇ ଦାଦନ ଖଟିବାକୁ ୨ପୁଅ ମହାରାଷ୍ଟ୍ରକୁ ଯାଇଛନ୍ତି। ମିଲନ୍ତି ମାନସିକ ସ୍ତରରେ ସୁସ୍ଥ ନ ଥିବାବେଳେ ଡାହାଣ ହାତ ପୋଡ଼ି ଅକାମୀ ହୋଇଯାଇଛି। ସରକାର ଅସହାୟଙ୍କ ପାଇଁ ଅନେକ ଯୋଜନା କରିଥିବାବେଳେ କଛରୁ ଓ ମିଲନ୍ତିଙ୍କ ପାଖରେ ସେ ସବୁ ଅପହଞ୍ଚ। ବୃଦ୍ଧ ଦମ୍ପତିଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଜିଲା ପ୍ରଶାସନ ଉଭୟଙ୍କୁ ସହାୟତା ପ୍ରଦାନ ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଚନ୍ଦାହାଣ୍ଡି ଜିପିଇଓ ସତ୍ୟନାରାୟଣ ଭତରାଙ୍କୁ ପଚାରିବାରୁ ରାଇଘର ବିଡିଓଙ୍କ ସହ ବୃଦ୍ଧ ଦମ୍ପତିଙ୍କ ସମ୍ପର୍କରେ ଆଲୋଚନା କରିବେ। ସେମାନଙ୍କୁ କିପରି ଚାଉଳ କାର୍ଡ ଓ ଅନ୍ୟ ସୁବିଧା ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

